ODIA DAILY EDITION
03.03.2026
କଟକ, ମଙ୍ଗଳବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ମାର୍ଚ୍ଚ-୦୩, ୨୦୨୬
ବର୍ଷ-୩୭, ସଂଖ୍ୟା-୨୩୫
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର

MATRUBHASA



Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ସରିଲା ମାଟ୍ରିକ୍ ପରୀକ୍ଷା, ୧୯ରୁ ଖାତାଦେଖା

**କାଁ ଭାଁ କେତୋଟି ତ୍ରୁଟି ଛାଡ଼ିଦେଲେ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ସହିତ ମାଟ୍ରିକ୍ ପରୀକ୍ଷା ସମାପନ ହୋଇଛି । ଆସନ୍ତା ୧୯ ତାରିଖରୁ ଖାତାଦେଖା ଆରମ୍ଭ ହେବ ଓ ମେ'ରେ ରେଜଲ୍ଟ ପ୍ରକାଶ ପାଇବ ।**

**କଟକ, ୨ ।୩:** ଚଳିତ ବର୍ଷର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଶେଷ ହୋଇଛି । ଶେଷ ଦିନରେ ପିଲା ଗଣିତ ପରୀକ୍ଷା ଦେଇ ଘରକୁ ଫେରିଛନ୍ତି । କାଁ ଭାଁ କେତୋଟି ତ୍ରୁଟି ଛାଡ଼ିଦେଲେ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ସହିତ ମାଟ୍ରିକ୍ ପରୀକ୍ଷା ସମାପନ ହୋଇଛି । ମେ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି ।

ଫେବ୍ରୁଆରୀ ୧୯ ତାରିଖରୁ ମାର୍ଚ୍ଚ ୨ ତାରିଖ ଯାଏ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ୩୦୮୨ ସେଣ୍ଟରରେ ୫ ଲକ୍ଷ ୬୧ ହଜାର ୯୭୯ ପିଲା ପରୀକ୍ଷା ଦେଇଛନ୍ତି । ଚଳିତ ବର୍ଷ କୌଣସି ପିଲା କପି କରିବାରେ ଧରାପଡ଼ିନାହାଁନ୍ତି । ଯାହାକି ମାଟ୍ରିକ ପରୀକ୍ଷା ଇତିହାସରେ ପ୍ରଥମ ବୋଲି କହିଛନ୍ତି ବୋର୍ଡ ସଭାପତି । ପ୍ରଶ୍ନପତ୍ର ଲିକ୍, କପି, ହିଂସା ଭଳି ଘଟଣା ଘଟିନାହିଁ । ଓଏମ୍ଆର୍ ବା ଓବଜେକ୍ଟିଭ୍ ଖାତା ଦେଖା ଆରମ୍ଭ ହୋଇସାରିଲାଣି । ଆସନ୍ତା ୧୯ ତାରିଖରୁ ସବଜେକ୍ଟିଭ୍ ଉତ୍ତର ଖାତା ଦେଖା ଆରମ୍ଭ ହେବ । ଯଦି କୌଣସି ପାଣିପାଗ ପରିସ୍ଥିତି ନ ଆସେ ତେବେ ମେ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଫଳାଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି ।

15001/5/2526

ସତ୍ୟମେଵ ଜୟତେ



### ପବିତ୍ର ହୋଲି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ହରି ବାବୁ କମ୍ଭମପାଟି)



### ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏବଂ ଭାଇଚାରା ଓ ସାମାଜିକ ସଦ୍‌ଭାବକୁ ଆହୁରି ସୁଦୃଢ଼ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/15001/2/25-26/0005

VOLLEYBALL WORLD BEACH PRO TOUR | FIVB | KHELO INDIA | KISS



FIVB

1st TIME in INDIA
in a University Campus

VOLLEYBALL WORLD BEACH PRO TOUR

Proudly Hosted By
KIIT UNIVERSITY
Bhubaneswar, Odisha

4th-8th March, 2026 | KIIT, BHUBANESWAR, ODISHA

52 + COUNTRIES | 82 TEAMS | 164 ATHLETES | 306 PARTICIPANTS | OLYMPIC GOLD MEDALLISTS | CHAMPIONSHIP TROPHY (MEN & WOMEN) | UNLIMITED PASSION ON THE SAND

Participating Countries:

Australia | Austria | Belgium | Brazil | Canada | China | Czech Republic | Denmark | England | Estonia | Finland | France | Germany | Greece | ungary | India | Israel | Italy | Japan | Korea | Latvia | Lithuania | New Zealand | Norway | Poland | Portugal | Puerto Rico | Qatar | Romania | Saudi Arabia | Serbia | Singapore | Slovakia | Slovenia | Spain | Sri Lanka | Switzerland | Thailand | Türkiye | Ukraine | United Arab Emirates | United Kingdom | United States | Argentina | Bulgaria | Cuba | Egypt | Hong Kong | Peru | Philippines | Netherlands | Nigeria

KIIT, Patia, Bhubaneswar, Odisha, India 751024 kiit@kiit.ac.in kiit.ac.in | KISS Campus-3, Bhubaneswar, Odisha, India 751024 info@kiss.ac.in kiss.ac.in

MBA/25-26/0665
MBA/25-26/0666

ODIA DAILY EDITION
03.03.2026
କଟକ, ମଙ୍ଗଳବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ମାର୍ଚ୍ଚ-୦୩, ୨୦୨୬
ବର୍ଷ-୩୭, ସଂଖ୍ୟା-୨୩୫
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
36 Years of publication SINCE 1989
Epaper- www.matrubhasa.com
matrubhasanews@gmail.com
matrubhasanews@yahoo.co.in
facebook.com/matrubhasanews

## ଅଭିନନ୍ଦନ

ପବିତ୍ର ଦୋଳ ପୂର୍ଣ୍ଣିମା ଓ ରଙ୍ଗର ପର୍ବ ହୋଲି ଉପଲକ୍ଷେ 'ମାତୃଭାଷା'ର ସମସ୍ତ ପାଠକ ପାଠିକା, ଲେଖକ ଲେଖିକା, ବିତରକ, ବିଜ୍ଞାପନଦାତାଙ୍କ ସମେତ ସମସ୍ତ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଉଛି । ଏଥିସହିତ କୌଣସି ହାନିକାରକ କୃତ୍ରିମ ରଙ୍ଗ ବ୍ୟବହାର ନ କରି ପ୍ରାକୃତିକ ରଙ୍ଗରେ ହୋଲି ଖେଳିବାକୁ ଅନୁରୋଧ କରୁଛି ।

-ସମ୍ପାଦିକା

## 'ମାତୃଭାଷା'ର ଛୁଟି

ଦୋଳଯାତ୍ରା ଓ ହୋଲି ଉପଲକ୍ଷେ 'ମାତୃଭାଷା' କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ତା ୦୪.୦୩.୨୬ରିଖ ଓ ତା୦୫.୦୩.୨୬ ସଂସ୍କରଣ ପ୍ରକାଶ ପାଇବ ନାହିଁ ।

-ପରିଚାଳକ

# ବ୍ୟାପୁଛି ଇରାନ-ଆମେରିକା ଯୁଦ୍ଧ

- ଖସିଲା ବିମାନ, ବୁଡ଼ିଲା ଜାହାଜ
- ଜଳିଗଲା ତୈଳ ଭଣ୍ଡାର
- ଖାମେନେଇଙ୍କ ପତ୍ନୀ ନିହତ
- ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଉପରେ ମିସାଇଲ୍ ମାଡ଼
- ଇରାନ ଉପରେ ଆହୁରି ଆକ୍ରମଣ ବଢ଼ାଇବୁ: ଟ୍ରମ୍ପ

**ତେହେରାନ, ୨ ।୩:** ତୃତୀୟ ଦିନରେ ଇରାନ-ଆମେରିକା ଘମାଘୋଟ ଯୁଦ୍ଧ । ଉଭୟ ପକ୍ଷରୁ ଭୟଙ୍କର ଆକ୍ରମଣ ଜାରି ଥିବା ବେଳେ, ଇରାନରେ ମୃତ୍ୟୁ ସଂଖ୍ୟା ୫୫୫ ଛୁଇଁଲାଣି । ଇରାନର ନୌସେନା ଘାଟିରେ ୩ଟି ଜାହାଜ ଧ୍ୱଂସ ହୋଇ ବୁଡ଼ିଯାଇଥିବା ବେଳେ, ସାଉଦି ଆରବର ତୈଳ ଭଣ୍ଡାରକୁ ଟାର୍ଗେଟ୍ କରିଛି ଇରାନ । ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିବା ମଧ୍ୟ ଇରାନ ଦାବି କରିଛି । ଏସବୁ ଭିତରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ବି ସୂଚନା ମିଳିଛି ।

ବିମାନ ଖସିଲା, ଜାହାଜ ବୁଡ଼ିଲା, ହୁତୁହୁତୁ ଜଳିଲା ତୈଳ ଭଣ୍ଡାର । ୧୨ ଦେଶରେ ଯୁଦ୍ଧ ବିଭୀଷିକା । ତେବେ ସବୁଠୁ ସାଂଘାତିକ ବିପତ୍ତି ଆଣିପାରେ- ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ! ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ବେଳେ ଇରାନର ନତାଞ୍ଜ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଅଭିଯୋଗ ହୋଇଛି । ୩୫ ଦେଶକୁ ନେଇ ଗଠିତ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା ଓଇଉଇର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ବୈଠକରେ ଏହି ଅଭିଯୋଗ କରିଛନ୍ତି ଇରାନୀ ପ୍ରତିନିଧି । ଆଣବିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିଲେ ବ୍ୟାପକ ଅଞ୍ଚଳକୁ କ୍ଷତିକାରୀ ବିକିରଣ ପ୍ରଭାବିତ କରିପାରେ । ଇରାନର କୋର୍ନାକ୍ ନୌସେନା ଘାଟି ଉପରେ ବି ହୋଇଛି ଆକ୍ରମଣ । ଏଥିରେ ୩ଟି ଯୁଦ୍ଧ ଜାହାଜ ବୁଡ଼ିଥିବା ସୂଚନା ମିଳିଛି । ଏହି ୩ ଦିନର ଯୁଦ୍ଧରେ ଇରାନରେ ୫ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ, ବହୁ ଗୁଇନ୍ଦା ଅଧିକାରୀଙ୍କର ବି ଜୀବନ ଯାଇଛି ।



ରକ୍ତମୁଖା ଇରାନ ବି ନଛୋଡ଼ବନ୍ଦା । ତେହରାନର ଡ୍ରୋନ୍ ମାଡ଼ ପରେ ଜଳୁଛି ସାଉଦି ଆରବର ରାସ୍ ଟାନୁରା ତୈଳ ବିଶୋଧନାଗାର । ଏହାକୁ ସାମୟିକ ବନ୍ଦ ରଖିବାକୁ ବାଧ ହୋଇଛି

### ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ

ଆରାମ୍କୋ । ଏଥିସହ ଇରାନ ଏୟାରଷ୍ଟ୍ରାଇକରେ ଦୁବାଇ, ଆବୁଧାବି, ଦୋହାରେ ବି ଭୟଙ୍କର ବିସ୍ଫୋରଣ ଜାରି ରହିଛି । ସେପଟେ କୁଏତରେ ଥିବା ଆମେରିକୀୟ ଦୂତାବାସ ଉପରେ ବି ଇରାନ ଆକ୍ରମଣ କରିଥିବା ବେଳେ, ଆମେରିକାର ଏଫ୍-୧୫ ଯୁଦ୍ଧ ବିମାନ ଜଳୁଥିବା ଅବସ୍ଥାରେ ତଳକୁ ଖସୁଥିବା ଭିଡିଓ ଭାଇରାଲ୍ ହେଉଛି ।

ତେବେ ଇରାନ ଆକ୍ରମଣରେ ନୁହେଁ, କୁଏତ ଭୁଲବଶତଃ ୩ଟି ଏଫ୍-୧୫ ଷ୍ଟ୍ରାଇକ୍ ଇଗଲ୍ ବିମାନ ଖସାଇ ଦେଇଛି ବୋଲି ବିବୃତି ଜାରି କରିଛି ଆମେରିକା । ଏସବୁ ଭିତରେ ଇରାନ୍ ଦେଇଛି ବଡ଼ ବୟାନ । ଖାମେନେଇଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସିଧାସଳଖ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ କାର୍ଯ୍ୟାଳୟ ଏବଂ ଇସ୍ରାଏଲ ବାୟୁସେନା କମାଣ୍ଡରଙ୍କ ଠିକଣା ଉପରେ ମିସାଇଲ୍ ମାଡ଼ କରିଥିବା ଦାବି କରିଛି ଇସ୍ଲାମିକ ରିଭଲ୍ୟୁସନାରି ଗାର୍ଡ କୋର୍ । ଅନ୍ୟପକ୍ଷରେ ଏହାକୁ ଖଣ୍ଡନ କରିଛି ଇସ୍ରାଏଲ୍ ।

ଇରାନ୍-ଆମେରିକା ଯୁଦ୍ଧରେ ଜଣେ ଭାରତୀୟଙ୍କର ବି ଜୀବନ ଯାଇଛି । ଗତକାଲି ଓମାନ ତଟରେ ତୈଳ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା । ଏଥିରେ ୨୦ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୧୫ ଜଣ ଭାରତୀୟ ଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

## ଶାହଙ୍କ ଓଡ଼ିଶା ଗସ୍ତ ନେଇ ବୈଠକ



**ଭୁବନେଶ୍ୱର, ୨ ।୩:** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଓଡ଼ିଶା ଗସ୍ତ ପାଇଁ ଡିଜିପିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୋମବାର ପୋଲିସ ଡିଜି ୱାଇ ବି ଖୁରାନିଆଙ୍କ କ୍ୟାମ୍ପ ଅଫିସର ବଡ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଇନଶୃଙ୍ଖଳା କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର, ଏଡିଜି ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ଆର ପି କୋଚେ, ଉପକୂଳ ସୁରକ୍ଷା ଏଡିଜି ଅରୁଣ ବୋଥ୍ରା, ଆଇଜି ଟ୍ରେନିଂ ଅନୁପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଅମିତ୍ ଶାହ ମାର୍ଚ୍ଚ ୫ ତାରିଖ ସଂଧାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡିଶାରେ ପହଂଚିବେ । ୬ ତାରିଖ ସକାଳେ କଟକ ମୁଣ୍ଡଳୀସ୍ଥିତ ସି.ଆଇ.ଏସ.ଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ନରେ ଜଟଣୀ ଠାରେ ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାର, ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବେ । ସେଦିନ ଅପରାହ୍ନରେ ଭୁବନେଶ୍ୱର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

| | |
|---|---|
| ସେନ୍ସେକ୍ସ | ୮୦,୨୩୮ |
| ନିଫ୍ଟି | ୨୪,୮୬୫ |
| ସୁନା/୧୦ଗ୍ରା | ୧,୭୨,୧୩୦ |
| ରୂପା/କିଗ୍ରା | ୩,୧୫,୦୦୦ |
| ଡଲାର | ୯୧.୬୭ |

## ପାଣିପାଗ

| | |
|---|---|
| ସର୍ବାଧିକ | |
| ଭୁବନେଶ୍ୱର: | ୩୭.୫° |
| କଟକ: | ୩୫.୨° |
| ସର୍ବନିମ୍ନ | |
| ଭୁବନେଶ୍ୱର: | ୨୨.୫° |
| କଟକ: | ୨୧.୬° |

## ୨୫ରୁ ରତ୍ନଭଣ୍ଡାର ଗଣତି ମଣତି



**ପୁରୀ, ୨ ।୩:** ସବୁ କଳ୍ପନା ଜଳ୍ପନାର ଘଟିଲା ଅନ୍ତ । ଘୋଷଣା ହେଲା ରତ୍ନଭଣ୍ଡାର ଗଣତିମଣତି ତାରିଖ । ସୋମବାର ବସିଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିର୍ଦ୍ଧାରିତ ହୋଇଛି ଗଣତିମଣତି ତାରିଖ । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ମୁଖ୍ୟ ପ୍ରଶାସକଙ୍କ ସୂଚନା ଅନୁସାରେ ଆସନ୍ତା ମାର୍ଚ୍ଚ ୨୫ ତାରିଖ ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ହେବ ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି । ଦିନ ୧ଟା ୪୫ରୁ ଆରମ୍ଭ ହେବାକୁ ଥିବା ବେଳେ ଗଣତିମଣତିରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପାଳନ ହେବ ଏସଓପି । ସୂଚନାଥାଉକି, ସୋମବାର ଅପରାହ୍ନ ୪ଟା ୩୦ରେ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠି

### ଏସଓପି ଅନୁସାରେ ହେବ କାର୍ଯ୍ୟ

ହୋଇଥିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏସପିଙ୍କ ସହିତ ପରିଚାଳନା କମିଟି ସଦସ୍ୟ ମାନେ ବୈଠକରେ ଭାଗ ନେଇଥିଲେ ।

## ଭ୍ୟାନିଟି ବ୍ୟାଗ୍ ନେଇଗଲା ମାଙ୍କଡ଼, ଶ୍ରୀମନ୍ଦିର ଗୁମ୍ବୁଟରେ ଚଢ଼ିଗଲେ ଭକ୍ତ

**ପୁରୀ ୨ ।୩:** ପୁଣି ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ । ଭ୍ୟାନିଟି ବ୍ୟାଗ ମାଙ୍କଡ ନେଇଯିବାରୁ ଶ୍ରୀମନ୍ଦିର ଗୁମ୍ବୁଟ ଉପରେ ଚଢିଗଲେ ଜଣେ ଭକ୍ତ । ପରେ ସମ୍ପୃକ୍ତ ଭକ୍ତ ଜଣକ ସିଂହଦ୍ୱାର ଗୁମ୍ବୁଟ ଉପରକୁ ଚଢି ମାଙ୍କଡ଼ ନିକଟରୁ ଭ୍ୟାନିଟି ବ୍ୟାଗ ଆଣିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ସଫଳ ହୋଇନଥିଲେ । ପରବର୍ତ୍ତୀ ସମୟରେ ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ଓ ପୋଲିସ ସମ୍ପୃକ୍ତ ଭକ୍ତଙ୍କୁ ତଳକୁ ଓହ୍ଲାଇବା ପାଇଁ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ଭ୍ୟାନିଟି ବ୍ୟାଗ ଉଦ୍ଧାର ପାଇଁ ସମ୍ପୃକ୍ତ ଭକ୍ତ ଜଣକ ସିଂହଦ୍ୱାର ଗୁମ୍ବୁଟ ଉପରେ କିଭଳି ଗଲେ । ଉପସ୍ଥିତ ଥିବା ସୁରକ୍ଷାକର୍ମୀ ମାନେ ସମ୍ପୃକ୍ତ ଭକ୍ତଙ୍କୁ କାହିଁକି ବାରଣ କରିନଥିଲେ ।

# ବିଶ୍ୱରେ ଶାନ୍ତି ଓ ସ୍ଥିରତା ଚାହେଁ ଭାରତ: ମୋଦୀ

## ନେତାନ୍ୟାହୁଙ୍କ ସହ ଟେଲିଫୋନ୍‌ରେ ମୋଦୀଙ୍କ ଆଲୋଚନା

- ସବୁ ରାଜ୍ୟକୁ କେନ୍ଦ୍ରର ଚିଠି
- ଆଲର୍ଟ ରହିବାକୁ ପରାମର୍ଶ

**ନୂଆଦିଲ୍ଲୀ, ୨ ।୩:** ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆଜି ପ୍ରଥମ ପ୍ରତିକ୍ରିୟା ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ କହିଛନ୍ତି ନୂଆଦିଲ୍ଲୀ ନିରନ୍ତର ଶାନ୍ତି ଏବଂ ସ୍ଥିରତା ପାଇଁ ଆହ୍ୱାନ ଦେଇଛି । ଯେତେବେଳେ ଦୁଇଟି ଗଣତନ୍ତ୍ର ଏକାଠି ଛିଡା ହୁଅନ୍ତି, ସେତେବେଳେ ଶାନ୍ତି ପାଇଁ ସେମାନଙ୍କର ସାମୂହିକ ସ୍ୱର ଆହୁରି ଦୃଢ଼ ହୁଏ । ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଆମ ପାଇଁ ଗଭୀର ଚିନ୍ତାର ବିଷୟ । ଭାରତ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମସ୍ତ ବିବାଦର



ସମାଧାନକୁ ସମର୍ଥନ କରେ । ବିଶ୍ୱରେ ଶାନ୍ତି ଓ ସ୍ଥିରତା ଚାହେଁ ଭାରତ । ଆପୋସ କଥାବାର୍ତ୍ତା, କୂଟନୈତିକ ଜରିଆରେ ସମସ୍ୟାର ସମାଧାନ ହେଉ । ନାଗରିକଙ୍କ ସୁରକ୍ଷା ଆମର ପ୍ରାଥମିକତା । ଏହି ଅଞ୍ଚଳରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଦେଶ ସହିତ ଘନିଷ୍ଠ ଭାବରେ ଜଡିତ ରହିବେ ।

ମଧ୍ୟ-ପୂର୍ବ ଏସିଆ ଭୟଙ୍କର ଯୁଦ୍ଧର ନିଆଁରେ ଜଳୁଛି । ଇସ୍ରାଏଲ ଏବଂ ଆମେରିକା ଇରାନ ଉପରେ ଗୋଟିଏ ପରେ ଗୋଟିଏ ବଡ଼ ଆକ୍ରମଣ କରିଚାଲିଛନ୍ତି । ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇଙ୍କ ସମେତ ବହୁ ସଂଖ୍ୟକ ଶୀର୍ଷ ନେତାଙ୍କ ମୃତ୍ୟୁ ଘଟିଛି । ଏହାସହ ବହୁ ସଂଖ୍ୟକ ସାଧାରଣ ନାଗରିକ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ପ୍ରତିଶୋଧ ସ୍ୱରୂପ ଇରାନ ଇସ୍ରାଏଲ, ୟୁଏଇ, ବାହାରିନ, କତାର ଏବଂ କୁୱେତ ଭଳି ଅନେକ ମଧ୍ୟ-ପ୍ରାଚ୍ୟ ଦେଶ ଉପରେ ମଧ ବଡ଼ଧରଣର ଆକ୍ରମଣ କରିଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା କରିବା ପାଇଁ ଟେଲିଫୋନରେ କଥା ହୋଇଛନ୍ତି । ସାମ୍ପ୍ରତିକ ଘଟଣାବଳୀ ଉପରେ ଭାରତର ଚିନ୍ତା ବିଷୟରେ ସୂଚନା ଦେଇଛନ୍ତି । ଏବଂ ଭାରତର ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ପ୍ରାଥମିକତା ବିଷୟରେ ଅବଗତ କରାଇଛନ୍ତି । ଶତ୍ରୁତାର ଶୀଘ୍ର ଅନ୍ତ ପାଇଁ ଆବଶ୍ୟକତାକୁ ପୁନର୍ବାର ଦୋହରାଇଛନ୍ତି ।"

## ବ୍ରହ୍ମପୁରରେ ଯୁବକକୁ ଗୁଳି ମାଡ଼

**ଗଞ୍ଜାମ, ୨ ।୩:** ଗଞ୍ଜାମ ଜିଲା ପୁରୁଷୋତମପୁର ଶୁଣ୍ଡିବାଙ୍କ ଅରଖପୁର ଗାଁ ରେ ଆଜି ମଧ୍ୟାହ୍ନରେ ସାଗର ବେହରା ନାମକ ଜଣେ ଯୁବକକୁ ଗୁଳି ମାଡ ହୋଇଛି । ମୁଖାପିନ୍ଧା ଯୁବକ ଆସି ଗୁଳିମାଡ଼ କରି ଫେରାର ହୋଇଯାଇଥିଲା । ସାଗରର ଡାହାଣ ଗୋଡ଼ରେ ଗୁଳି ମାଡ଼ ହୋଇଛି । କିଛିଦିନ ପୂର୍ବେ ସାଗର ସୁରଥରୁ ଘରକୁଫେରିଥିଲା । ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତି କରାଯାଇଛି । ଯୁବକ ଜଣକ ସୁରଟରୁ ଫେରୁଥିବାବେଳେ ଏଭଳି ଅଘଟଣ ଘଟିଛି । ବର୍ତ୍ତମାନ୍ ପର୍ଯ୍ୟନ୍ତ ଗୁଳିମାଡର କାରଣ ଜଣାପଡିନାହିଁ । ପୁଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ।

# ରାଜ୍ୟସଭାରେ ବିଜେପି ଦେବ ୩ ପ୍ରାର୍ଥୀ

**ଭୁବନେଶ୍ୱର, ୨ ।୩:** ରାଜ୍ୟସଭାରେ ବିଜେପି ଦେବ ୩ ପ୍ରାର୍ଥୀ । ୫ ତାରିଖରେ ଭରିବେ ନାମାଙ୍କନ । ଆଜି ମୁଖ୍ୟମନ୍ତ୍ରୀ ଡ଼ାକିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା । ୩ ପ୍ରାର୍ଥୀଙ୍କ ପାଇଁ ନାମାଙ୍କନ ପତ୍ରରେ ନିଆଗଲା ବିଧାୟକଙ୍କ ଦସ୍ତଖତ । ୫ ତାରିଖ ଦିନ

### ୫ ତାରିଖରେ ଭରିବେ ନାମାଙ୍କନ

ନାମାଙ୍କନ ପତ୍ର ଦାଖଲ ସମୟରେ ଉପସ୍ଥିତ ରହିବାକୁ ବିଧାୟକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ବିଧାୟକ ମାନେ ଉପସ୍ଥିତ ଥିଲେ ।

ରାଜନୀତିରେ କେହି କାହାର ଚିରଶତ୍ରୁ କି ଚିର ମିତ୍ର ନୁହନ୍ତି । କ୍ଷମତା ଓ ସତ୍ତା ଆଗରେ ସବୁ ମାଫ୍ । ଏଭଳି ଏକ ଝଲକ ରାଜ୍ୟ ରାଜନୀତିରେ ଆଜି ଦେଖିବାକୁ ମିଳିଛି । ଚତୁର୍ଥ ଆସନ ପାଇଁ ନବୀନ ଓ ଭକ୍ତ ହାତ ମିଳାଇଛନ୍ତି । ପ୍ରତିଦ୍ୱନ୍ଦ୍ୱୀ ପାଲଟଛନ୍ତି ସହଯୋଗୀ । ସନ୍ତୃପ୍ତଙ୍କ ପ୍ରାର୍ଥୀତ୍ୱକୁ ନେଇ ଯେତିକି ଚର୍ଚ୍ଚା ହୋଇନି ଚତୁର୍ଥ




ପ୍ରାର୍ଥୀ ଦତ୍ତେଶ୍ୱରଙ୍କୁ ନେଇ ରାଜ୍ୟ ରାଜନୀତି ନୂଆ ସମୀକରଣ ଆଡକୁ ଇଙ୍ଗିତ କରିଛି । ପୁଣି ସରପ୍ରାଇଜ ଦେଲେ ବିଜେଡି ସୁପ୍ରିମୋ । ରାଜ୍ୟସଭା ନିର୍ବାଚନକୁ ନେଇ ପ୍ରଥମ ଦଳ ଭାବେ ନିଜ କାର୍ଡ ଖୋଲିଛି ବିଜେଡି । ସନ୍ତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଥିବା ବେଳେ ପ୍ରତିଷ୍ଠିତ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କମନ କ୍ୟାଣ୍ଡିଡେଟ ଭାବେ ଚତୁର୍ଥ ପ୍ରାର୍ଥୀ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ । ସଂଖ୍ୟା ନଥାଇ ମଧ୍ୟ ଚତୁର୍ଥ ଆସନ ପାଇଁ ଲମ୍ଫ ଦେଇ ସବୁ ଦଳର ସମର୍ଥନ ଚାହିଁଛନ୍ତି ନବୀନ । ପ୍ରାର୍ଥୀ ଘୋଷଣା ପରେ ସନ୍ତୃପ୍ତ ଓ ଦତ୍ତେଶ୍ୱର କହିଛନ୍ତି, ଓଡ଼ିଶାର ସ୍ୱର ଦିଲ୍ଲୀରେ ଉଠାଇବୁ ।

# ପୁଣି ୨ କୋର୍ଟକୁ ବୋମା ଧମକ

**ସମ୍ବଲପୁର/ବରଗଡ଼, ୨ ।୩:** ରାଜ୍ୟର ବିଭିନ୍ନ କୋର୍ଟକୁ ସୋମବାର ମିଳିଥିବା ବୋମା ଧମକ ହଇଚଇ ସୃଷ୍ଟି କରିଛି । ଗତ ଜାନୁଆରି ମାସରେ ସମ୍ବଲପୁର ସମେତ କଟକ ଓ ଦେବଗଡ଼ କୋର୍ଟକୁ ମଧ୍ୟ ସମାନ ଧରଣର ବୋମା ଧମକ ମିଳିଥିଲା । ଆଜି ପୁଣି ସମାନ ଘଟଣା ସାମ୍ନା ଆସିଛି । ଏହି ଧମକ ପରେ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି ।

ଏଥରକ ସମ୍ବଲପୁର ଓ ବରଗଡ଼ ସିଭିଲ କୋର୍ଟକୁ ଆସିଛି ଏଭଳି ଧମକ । ସମ୍ବଲପୁର ଜିଲ୍ଲା ଦୌରାଜଜଙ୍କ କୋର୍ଟ ପରିସରକୁ ପୁଣିଥରେ ବୋମା ଧମକ ମିଳିଛି । ରବିବାର ବିଳମ୍ବିତ ରାତିରେ ଏହି ଧମକ ମିଳିବା ପରେ ପୁଲିସ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତୁରନ୍ତ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ରାତି ପ୍ରାୟ ୧୧ଟା ସମୟରେ ବୋମା ନିଷ୍କ୍ରିୟକାରୀ ଦଳ ଏବଂ



ସନ୍ଧାନୀ କୁକୁର କୋର୍ଟ ପରିସରରେ ପହଞ୍ଚି ତନ୍ନ ତନ୍ନ କରି ଯାଞ୍ଚ ଆରମ୍ଭ କରିଥିଲେ । କୋର୍ଟର ପ୍ରବେଶ ପଥ, ବିଭିନ୍ନ କକ୍ଷ ଏବଂ ସନ୍ଦିଗ୍ଧ ସ୍ଥାନଗୁଡ଼ିକୁ ମେଟାଲ ଡିଟେକ୍ଟର ସାହାଯ୍ୟରେ ଯାଞ୍ଚ କରାଯାଇଥିଲା । ଏକ ଅଜଣା ଇ-ମେଲ୍ ମାଧ୍ୟମରେ କୋର୍ଟ ପରିସରକୁ ବୋମାରେ ଉଡ଼ାଇ ଦେବାର ଧମକ ଦିଆଯାଇଥିବା ସୂଚନା ମିଳିଛି ।

## ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗର ଗାଇଡଲାଇନ ଜାରି

**ଭୁବନେଶ୍ୱର, ୨ ।୩:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗର ଗାଇଡଲାଇନ ଜାରି । ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଚିଠି । ସମସ୍ତଙ୍କୁ ନିର୍ଦ୍ଦିଷ୍ଟ ଗାଇଡଲାଇନ ପାଇଁ ନିର୍ଦ୍ଦେଶନାମା ଦିଆଯାଇଛି । ଏକାଡେମିକ୍ ଅର୍ଥାତ୍ ଇଣ୍ଟରନାଲ ପରୀକ୍ଷା ଏବଂ କ୍ଲାସ୍ ଗୁଡ଼ିକ ସକାଳୁ କରାଯିବ । ଅପରାହ୍ନ ସମୟରେ କୌଣସି ଆଉଟଡୋର କାର୍ଯ୍ୟକ୍ରମ ନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷାନୁଷ୍ଠାନରେ ଆବଶ୍ୟକତା ଅନୁଯାୟୀ ଓଆରଏସ ଏବଂ ପାନୀୟ ଜଳ ରଖାଯିବ । ଏହା ସହ ଜରୁରୀକାଳୀନ ପରିସ୍ଥିତିକୁ ଗୁରୁତ୍ୱ ସହ ନିଆଯିବ ।

## ହାଲ୍‌ଚାଲ୍



ମାର୍ଚ୍ଚ ଆରମ୍ଭରୁ ପାରଦ ଉପରମୁହାଁ ହୋଇଲା ଝାରସୁଗୁଡ଼ାରେ ତାପମାତ୍ରା ଅଠତିରିଶ ଡିଗ୍ରୀ ଛୁଇଁଲା ଚଳିତ ବର୍ଷ କଳବଲ କରିବ ଆଇଏମଡି ଆକଳନ କରିଲା ।

# ଉପରମୁହାଁ ପାରଦ ଝାରସୁଗୁଡ଼ାରେ ୩୮ ଡିଗ୍ରୀ ଛୁଇଁଲା ତାପମାତ୍ରା

- ଆଇଏମଡିର ପୂର୍ବାନୁମାନ
- ଚଳିତବର୍ଷ ତାତି କଳବଲ କରିବ

**ଭୁବନେଶ୍ୱର, ୨ ।୩:** ମାର୍ଚ୍ଚ ଆରମ୍ଭରୁ କଳବଲ କଲା ତାତି । ଝାରସୁଗୁଡ଼ାରେ ରେକର୍ଡ ୩୮ ଡିଗ୍ରୀ ଛୁଇଁଲା ତାପମାତ୍ରା । ରାଜଧାନୀ ଭୁବନେଶ୍ୱରରେ ମଧ ୩୭.୫ ଡିଗ୍ରୀରେ ପହଞ୍ଚିଲା ପାରଦ ।

ଚଳିତବର୍ଷ ଅଧିକ ଗରମ ଅନୁଭବ କରିବେ ରାଜ୍ୟବାସୀ । ଆଇଏମ୍‌ଡିର ପୂର୍ବାନୁମାନ ଅନୁସାରେ ଏବର୍ଷ ଗ୍ରୀଷ୍ମପ୍ରବାହ ଦିନ ବଢ଼ିବ । ମାର୍ଚ୍ଚରୁ ମେ' ମାସ ଭିତରେ ଗ୍ରୀଷ୍ମ ଦିବସ ସଂଖ୍ୟା ସ୍ୱାଭାବିକ ଠାରୁ ଅଧିକ ରହିବ । ଓଡ଼ିଶା ସମେତ ପୂର୍ବ ଓ ପୂର୍ବ କେନ୍ଦ୍ରୀୟ ଭାରତରେ ହିଟ୍ ୱେଭ୍ ଦିନ ସଂଖ୍ୟା ବଢ଼ିବ । ସେପଟେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ମଧ ସ୍ୱାଭାବିକ ଠାରୁ ଅଧିକ ଗରମ ଓ କାଳବୈଶାଖୀ ହେବ । ଯୁଦ୍ଧରେ ହଜାର ହଜାର ମିଶାଇଲ୍ ବିସ୍ଫୋରଣ ଯୋଗୁଁ ବାୟୁମଣ୍ଡଳ ଅତ୍ୟନ୍ତ ଉଷ୍ମ ରହିଛି । ସେହି ଗରମ ପବନ ଭାରତକୁ ମଧ୍ୟ ପ୍ରବେଶ କରୁଛି । ଏହାର ପ୍ରଭାବରେ ଦିନ ଓ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ୨ ଡିଗ୍ରୀ ବଢ଼ିବ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ତଥା ସୋଆର ସିଇସି ମୁଖ୍ୟ



ଶରତ ଚନ୍ଦ୍ର ସାହୁ ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ବଢ଼ିବ ଗରମ୍ । ବର୍ତ୍ତମାନ ଆମେରିକା-ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ ଯୋଗୁଁ ହଜାର ହଜାର ମିଶାଇଲ୍ ବିସ୍ଫୋରଣ ହେଉଛି । ନିଆଁ ଧୂଆଁରେ ଭରି ଯାଉଛି ଯୁଦ୍ଧ ଅଞ୍ଚଳର ଆକାଶ । ଜଳବାୟୁ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ । ସ୍ୱାଭାବିକ ଠାରୁ ଅଧିକ ଗରମ ଓ ସ୍ୱାଭାବିକ ଠାରୁ ଅଧିକ କାଳବୈଶାଖୀର ଆଶଙ୍କା ରହିଛି । ଏହାକୁ ଏକ୍ସଟ୍ରିମ୍ କ୍ଲାଇମେଟ୍ ପ୍ରଭାବ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ତଥା ସୋଆ ଉରଉ ମୁଖ୍ୟ ଶରତ ଚନ୍ଦ୍ର ସାହୁ ।

ସେ କହିଛନ୍ତି ଯେ, ବର୍ତ୍ତମାନ ସେଠାରେ ଯୁଦ୍ଧ ଯୋଗୁଁ ବାୟୁମଣ୍ଡଳ ଅତ୍ୟନ୍ତ ଉଷ୍ମ ରହିଛି । ରାତିର ତାପମାତ୍ରା ବୃଦ୍ଧି ପାଇବ । ସ୍ୱାଭାବିକ ଠାରୁ ୨ ଡିଗ୍ରୀ ଅଧିକ ଗରମ ଅନୁଭବ ହେବ ।

ସେପଟେ ଆଇଏମଡି କହିଛି ଯେ, ଏବର୍ଷ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ଅଧିକ ରହିବ । ମାର୍ଚ୍ଚରୁ ମେ' ମାସ ଗ୍ରୀଷ୍ମ ଦିବସ ସଂଖ୍ୟା ସ୍ୱାଭାବିକ ଠାରୁ ଅଧିକ ରହିବ । ଓଡ଼ିଶା ସମେତ ପୂର୍ବ ଓ ପୂର୍ବ କେନ୍ଦ୍ରୀୟ ଭାରତରେ ହିଟ୍ ୱେଭ୍ ଦିନ ସଂଖ୍ୟା ବଢ଼ିବ । ଚଳିତ ମାସ ଠାରୁ ରାଜ୍ୟରେ ଗରମ ବୃଦ୍ଧି ପାଇବ ।

# ଆଜି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

## ସକାଳ ୬ଟା ୨୦ରୁ ହାଣ୍ଡିଛାଡ଼

**ଭୁବନେଶ୍ୱର, ୨ ।୩:** ଆଜି ଚନ୍ଦ୍ରଗ୍ରହଣ । ଦୋଳ ପୂର୍ଣ୍ଣମା ଅବସରରେ ଲାଗୁଛି ଗ୍ରହଣ । ସକାଳ ୬ଟା ୨୦ରୁ ପାକତ୍ୟାଗ ରହିଥିବାବେଳେ ସନ୍ଧ୍ୟା ୩ଟା ୨୦ରେ ହେବ ଗ୍ରହଣ ସ୍ପର୍ଶ । ଏଥିପାଇଁ ସୂର୍ଯ୍ୟୋଦୟରୁ ଗ୍ରହଣ ଛାଡ଼ିବା ପର୍ଯ୍ୟନ୍ତ ପାକକର୍ମ ଓ ଦେବନୀତି ନିଷେଧ ।

ମଙ୍ଗଳବାର ଦୋଳପୂର୍ଣ୍ଣିମାରେ ଲାଗୁଛି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ । ଅପରାହ୍ନ ୩ଟା ୨୦ରେ ହେବ ଗ୍ରହଣ ସ୍ପର୍ଶ । ଏହାର ୯ ଘଣ୍ଟା ପୂର୍ବରୁ ଅର୍ଥାତ ସକାଳ ୬ଟା ୨୦ ମିନିଟ୍ ?ରୁ ହେବ ପାକତ୍ୟାଗ ବା ହାଣ୍ଡିଛାଡ଼ । ସନ୍ଧ୍ୟା ୬ଟା ୪୭ ମିନିଟ୍ ?ରେ ହେବ ସର୍ବମୋକ୍ଷ । ସୂର୍ଯ୍ୟୋଦୟରୁ ଗ୍ରହଣ ଛାଡ଼ିବା ପର୍ଯ୍ୟନ୍ତ ପାକତ୍ୟାଗ ଓ ଦେବନୀତି ନିଷେଧ ରହିଛି । ପାକତ୍ୟାଗ ସମୟରୁ ଗ୍ରହଣ ସ୍ପର୍ଶ ପର୍ଯ୍ୟନ୍ତ ଅନ୍ନ ଭୋଜନ ନିଷେଧ କରିବା ସହ ହାଲୁକା ଓ ଶୁଖିଲା ଖାଦ୍ୟ ଗ୍ରହଣ କରିବାକୁ ପାଞ୍ଜିରେ ପରାମର୍ଶ ଦିଆଯାଇଛି । ତେବେ ବୃଦ୍ଧ, ଶିଶୁ, ରୋଗୀ ଓ ଗର୍ଭବତୀଙ୍କ ପାଇଁ ଲାଗିବନି ଏହି କଟକଣା । ସନ୍ଧ୍ୟା ୬ଟା ୫୦ ମିନିଟ୍ ପରେ ସ୍ନାନ ସାରି ଦେବ ପୂଜା ଓ ଅନ୍ନଗ୍ରହଣ କରିହେବ । ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ଦ୍ୱନ୍ଦ୍ୱ ଦେଖାଦେଇଛି । ସେଥିପାଇଁ ଗ୍ରହଣ ଛାଡ଼ିବା ପରେ ଦୋଳନୀତି କରିବାକୁ ପରାମର୍ଶ ଦିଆଯାଇଛି । ଗ୍ରହଣକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ନୀତିକାନ୍ତି ସଅଳ କରାଯାଇଛି । ଆଜି ରାତି ୩ଟା ୩୫ରୁ ଦ୍ୱାରଫିଟା ହୋଇ ରାତି ୧୧ଟାରେ ରାତ୍ର ପହୁଡ଼ ହେବ । ଆଜି ମେଣ୍ଢାପୋଡ଼ି ନୀତି ଦୋଳ ବେଦିରେ ଅନୁଷ୍ଠିତ ହେବ ।

ମାତୃଭାଷା

କଟକ, ମଙ୍ଗଳବାର, ମାର୍ଚ୍ଚ -୩, ୨୦୨୬ ପୃଷ୍ଠା: ୪

## ମଧ୍ୟପ୍ରାଚ୍ୟରେ ବିଶ୍ୱ ଯୁଦ୍ଧର ପଦଧ୍ୱନୀ !

ଇରାନ ବିରୁଦ୍ଧରେ ଯୁଦ୍ଧରେ ନାଟୋ ସେନା ଓହ୍ଲାଇପାରେ। ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀ ମଧ୍ୟ ଆମେରିକାକୁ ସାଥ୍ ଦେଇପାରନ୍ତି। ଏହି ଏକଜୁଟତାର କାରଣ ନିଜେ ଇରାନ, କାରଣ ଇରାନ ମଧ୍ୟପ୍ରାଚ୍ୟର ପ୍ରାୟ ୯ଟି ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି, ଯାହାକୁ ବିଶ୍ୱର ବିଭିନ୍ନ ଦେଶ ବିରୋଧ କରିଛନ୍ତି।

ଆମେରିକା ଏବଂ ଇସ୍ରାଏଲ ମିଶି ଇରାନ ଉପରେ ଆକ୍ରମଣ କରିଛନ୍ତି। ଇରାନ ଏହାର ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୭ଟି ଗଲ୍ଫ ଦେଶରେ ଆମେରିକାର ସାମରିକ ଘାଟି ଉପରେ ଆକ୍ରମଣ କରିଛି। ଇରାନର ଏହି କାର୍ଯ୍ୟାନୁଷ୍ଠାନକୁ ୟୁରୋପୀୟ ସଂଘ ଦେଶମାନେ ବିରୋଧ କରିଛନ୍ତି। ଅନ୍ୟପଟେ ହିଜବୁଲ୍ଲା, ହୁତି ଏବଂ ଅନ୍ୟାନ୍ୟ ଆତଙ୍କବାଦୀ ସଂଗଠନ ଇରାନ ସମର୍ଥନରେ ଇସ୍ରାଏଲ ଉପରେ ଆକ୍ରମଣ କରୁଛନ୍ତି। ଲୋହିତ ସାଗର ଏବଂ ହୋର୍ମୁଜ ପ୍ରଣାଳୀ ବ୍ଲକ ହୋଇପାରେ।

ନିଶ୍ଚିତ ଭାବରେ ରୁଷ-ଚୀନ ଏବଂ ପାକିସ୍ତାନ ଇରାନକୁ ସମର୍ଥନ କରିଛନ୍ତି, କିନ୍ତୁ ୭ଟି ଗଲ୍ଫ ଦେଶ ସମେତ ୟୁରୋପୀୟ ସଂଘ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଇରାନର ବିରୋଧୀ ହୋଇଯାଇଛନ୍ତି। ଘଇଞ୍ଜଙ୍ଗ ଦେଶର ସେନା ଗଲ୍ଫ ଦେଶଗୁଡ଼ିକୁ ରକ୍ଷା କରିବା ପାଇଁ ରଣକ୍ଷେତ୍ରକୁ ଓହ୍ଲାଇପାରେ। ଏହି ସମସ୍ତ ଦେଶ ଆମେରିକା ସହିତ ମିଶି ଇରାନର ଆକ୍ରମଣକୁ ରୋକିବା ପାଇଁ ପ୍ରସ୍ତୁତି କରିସାରିଛନ୍ତି। ଏକ ମିଳିତ ବିବୃତ୍ତି ଜାରି କରି ଏହି ଦେଶମାନେ କହିସାରିଛନ୍ତି ଯେ ସେମାନେ ନାଗରିକ ଏବଂ ସାର୍ବଭୌମତ୍ୱର ରକ୍ଷା ପାଇଁ ଏକଜୁଟ ହୋଇ ଛିଡ଼ା ହୋଇଛନ୍ତି। ଇରାନର ଆକ୍ରମଣ ବିରୁଦ୍ଧରେ ଆତ୍ମରକ୍ଷା ଅଧିକାରକୁ ସେମାନେ ଦୋହରାଇଛନ୍ତି।

ରୁଷ ରାଷ୍ଟ୍ରପତି ପୁତିନ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନଙ୍କ ନିକଟକୁ ଏକ ଶୋକ ବାର୍ତ୍ତା ପଠାଇଛନ୍ତି, ଯେଉଁଥିରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣକୁ କଠୋର ନିନ୍ଦା କରାଯାଇଛି। ପୁତିନ ଖାମେନେଇ ଏବଂ ତାଙ୍କ ପରିବାରର 'ହତ୍ୟା'କୁ ଅମାନବୀୟ ବୋଲି ଅଭିହିତ କରିଛନ୍ତି। ଇରାନ ଉପରେ ଆକ୍ରମଣକୁ ପୁତିନ ଆନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି କହିଛନ୍ତି। ଚୀନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମଧ୍ୟ କହିଛନ୍ତି ଯେ ଇରାନର ସର୍ବୋଚ୍ଚ ନେତା ଖାମେନେଇଙ୍କ ହତ୍ୟା ଇରାନର ସାର୍ବଭୌମତ୍ୱ ଏବଂ ସୁରକ୍ଷାର ଗମ୍ଭୀର ଉଲ୍ଲଂଘନ। ଚୀନ ଏହାକୁ ଜାତିସଂଘ ଚାର୍ଟରର ନୀତିଗୁଡ଼ିକର ଅପମାନ ବୋଲି କହିଛି।

ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀ ସ୍ପଷ୍ଟ କରିଛନ୍ତି ଯେ ସେମାନେ ଆମେରିକା ସହିତ ମିଶି ଇରାନର ଆକ୍ରମଣକୁ ରୋକିବେ। ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଏବଂ ଜର୍ମାନୀ ଚାନସ୍ଲେର ଫ୍ରେଡ୍ରିକ୍ ମର୍ଜଙ୍କ କହିବା କଥା ଯେ ଇରାନର ଆକ୍ରମଣ ଯୋଗୁଁ ମଧ୍ୟପ୍ରାଚ୍ୟରେ ମୁତୟନ ଥିବା ସେମାନଙ୍କ ସୈନିକ ଜଏବଂ ନାଗରିକଙ୍କ ଜୀବନ ବିପଦରେ ପଡୁଛି। ନିଜର ସ୍ୱାର୍ଥ ଏବଂ ସହଯୋଗୀ ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ତଥା ସନ୍ତୁଳିତ ପଦକ୍ଷେପ ନେବାକୁ ହେବ। ଏଥିପାଇଁ ଆମେରିକା ତିନୋଟି ଦେଶର ସାମରିକ ଘାଟି ବ୍ୟବହାର କରିପାରିବ।

ଇରାନ ଏବଂ ଇସ୍ରାଏଲ-ଆମେରିକା ଯୁଦ୍ଧ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଫ୍ରାନ୍ସ ନିଜର ବିମାନବାହୀ ପୋତ 'ଚାର୍ଲ୍ସ ଡି ଗଲ୍'କୁ ପୂର୍ବ ଭୂମଧ୍ୟସାଗରରେ ମୁତୟନ କରିଛି। ଆବୁଧାବିରେ ଫ୍ରାନ୍ସର ବିମାନବନ୍ଦର ଉପରେ ଇରାନୀ ମିସାଇଲ ଆକ୍ରମଣ ପରେ ଏହି ମୁତୟନ କରାଯାଇଛି। ବ୍ରିଟେନ ଆମେରିକାକୁ ଇରାନ ବିରୁଦ୍ଧରେ ଆକ୍ରମଣ ପାଇଁ ମିଲିଟାରୀ ବେସ୍ ବ୍ୟବହାର କରିବାକୁ ଅନୁମତି ଦେବାରୁ ଇରାନ ଡ୍ରୋନ୍ ସାହାଯ୍ୟରେ ସାଇପ୍ରସର ଏୟାର ବେସ୍ ଉପରେ ଆକ୍ରମଣ କରିଥିଲା। ଏହା ପରେ ବ୍ରିଟେନ ଆମେରିକାକୁ 'ଡିଏଗୋ ଗାର୍ସିଆ' ମିଲିଟାରୀ ବେସ୍ ବ୍ୟବହାର କରିବାକୁ କହିଛି।

ବ୍ରିଟେନର ଫାଇଟର ଜେଟ୍ ଗୁଡ଼ିକ ଆମେରିକୀୟ ଏୟାରଫୋର୍ସ ସହିତ ଆକାଶରେ ପଇଁତରା ମାରୁଛନ୍ତି, କିନ୍ତୁ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ କହିବା କଥା ଯେ ଏହାର ଅର୍ଥ ନୁହେଁ ଯେ ଆମେ ଯୁଦ୍ଧରେ ସାମିଲ ହେଉଛୁ। କେବଳ ପ୍ରତିରକ୍ଷା ପାଇଁ ମିଲିଟାରୀ ବେସ୍ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଇରାନୀ ମିସାଇଲଗୁଡ଼ିକୁ ଆକାଶରେ ହିଁ ନଷ୍ଟ କରିବା, ସେମାନଙ୍କର ଷ୍ଟକ୍ ଏବଂ ମିସାଇଲ ଲଞ୍ଚରକୁ ଧ୍ୱଂସ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଆମେରିକା ବ୍ରିଟିଶ ଘାଟିଗୁଡ଼ିକ ବ୍ୟବହାର କରିବାକୁ ଅନୁରୋଧ କରିଥିଲା ଏବଂ ଆମେ ସେହି ଅନୁରୋଧ ଗ୍ରହଣ କରିଛୁ।

ୟୁରୋପୀୟ କମିଶନର ଉପାଧ୍ୟକ୍ଷ କାଜା କାଲାସ୍ ଟ୍ୱିଟ୍ କରିଛନ୍ତି ଯେ ମଧ୍ୟପ୍ରାଚ୍ୟର ଅନେକ ଦେଶ ଉପରେ ଇରାନର ଆକ୍ରମଣ ଅକ୍ଷମଣୀୟ। ଏଭଳି ଉତ୍ତେଜନା ବଢ଼ିବା ଉଚିତ ନୁହେଁ, ଯାହା ୟୁରୋପ ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ। ତେଣୁ ମିଡିଲ୍ ଇଷ୍ଟରେ ୟୁରୋପୀୟ ସଂଘର ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛୁ। ଉତ୍ତେଜନା ହ୍ରାସ କରିବା ଏବଂ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ପାଇଁ ଏକ ସ୍ଥାୟୀ ସମାଧାନ ବାହାର କରିବା ଲାଗି ସମସ୍ତ କୂଟନୈତିକ ପ୍ରୟାସରେ ଆମେ ଅବଦାନ ଜାରି ରଖିବୁ।

ସୂଚନାଯୋଗ୍ୟ ଯେ, ଯଦି ଇରାନ ଘଇଞ୍ଜଙ୍ଗ ଦେଶମାନଙ୍କ ମଧ୍ୟରୁ କୌଣସି ଗୋଟିଏ ଦେଶ ଉପରେ ଆକ୍ରମଣ କରେ, ତେବେ ସଂଗଠନର ସମସ୍ତ ଦେଶକୁ ରଣକ୍ଷେତ୍ରକୁ ଓହ୍ଲାଇବାକୁ ପଡ଼ିପାରେ। ସେହିପରି ଯଦି ପରିସ୍ଥିତି ଅଧିକ ବିଗିଡ଼େ, ତେବେ ଆମେରିକା ନିଜର ସହଯୋଗୀ ୟୁରୋପୀୟ ଦେଶମାନଙ୍କ ଉପରେ ମଧ୍ୟ ଯୁଦ୍ଧରେ ସାମିଲ ହେବା ପାଇଁ ଚାପ ପକାଇପାରେ। ମୋଟାମୋଟି ଭାବେ ଇରାନ ବିରୁଦ୍ଧରେ ଆନ୍ତର୍ଜାତୀୟ ସ୍ତରରେ ଏକ ଶକ୍ତିଶାଳୀ ମୋର୍ଚ୍ଚା ଗଠନ ହୋଇଛି। ବିଶ୍ୱର ମହାଶକ୍ତିମାନେ ମଧ୍ୟ ପରୋକ୍ଷରେ ଯୁଦ୍ଧ ମୈଦାନରେ ଅଛନ୍ତି। ପାଶ୍ଚାତ୍ୟ ଦେଶମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟୁଛି। ଦେଖାଯାଉ ଆଗକୁ କ'ଣ ହେଉଛି...।

# ହୋଲି : ଭାରତର ଏକ ଶ୍ରେଷ୍ଠ ପର୍ବ

**ଦଶରଥ ହେମ୍ବ୍ରମ୍**

ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ପାଳିତ ହେଉଥିବା ପର୍ବପର୍ବାଣୀ ମଧ୍ୟରୁ ହୋଲି ହେଉଛି ଲୋକପ୍ରିୟ ପର୍ବ, କେହିକେହି ଏହାକୁ ଗଣପର୍ବ ମଧ୍ୟ କୁହନ୍ତି। ଆମ ଭାରତରେ ବସବାସ କରୁଥିବା ସବୁ ବର୍ଗର ଲୋକମାନେ ହୋଲି ପର୍ବକୁ ଖୁବ ଉତ୍ସାହର ସହିତ ଦୁଇଦିନ ଧରି ପାଳନ କରିଥାନ୍ତି। ପ୍ରଥମ ଦିନରେ ହୋଲିକା ଦହନ କରାଯାଏ, ଯାହା ଛୋଟିହୋଲି ଭାବେ ଜଣାଶୁଣା ଏବଂ ଦ୍ୱିତୀୟ ଦିନରେ ଲୋକମାନେ ଏକତ୍ର ହୋଇ ଖୁବ ମଜା ମଉଜରେ ରଙ୍ଗ ଖେଳନ୍ତି। ଶୁଣାଯାଏ, ବହୁ ପୂର୍ବରୁ ହୋଲି କେବଳ ହିନ୍ଦୁ ଧର୍ମର ଏକ ପର୍ବ ମଧ୍ୟରେ ସୀମିତ ରହିଥିଲା କିନ୍ତୁ ବର୍ତ୍ତମାନ ସମୟରେ ତାହା ସମଗ୍ର ବିଶ୍ୱରେ ଏକ ମହାଉତ୍ସବ ଭାବେ ବିଶ୍ୱବାସୀ ପାଳନ କରୁଛନ୍ତି। ତେବେ ହୋଲି ପର୍ବ ସହ ଯୋଡ଼ି ହୋଇଛି ଅନେକ ପୌରାଣିକ କଥାବସ୍ତୁ।

କୁହାଯାଏ, ହୋଲି ଭାରତର ପ୍ରାଚୀନ ପର୍ବ ମଧ୍ୟରୁ ଗୋଟିଏ। ଯଦି ଆମେ ହୋଲିର ଉତ୍ପତ୍ତି କିମ୍ବା ହୋଲିର ଇତିହାସ ବିଷୟରେ ଆଲୋଚନା କରିବା, ତେବେ ହୋଲିର ବର୍ଣ୍ଣନା ଅନେକ ପୌରାଣିକ କାହାଣୀରେ ମିଳିଥାଏ। ପୌରାଣିକ ଅନୁସାରେ, ପ୍ରାଚୀନ କାଳରେ ଜଣେ ରାଜା ଥିଲେ, ଯାହାର ନାମ ହିରଣ୍ୟକଶ୍ୟପ। ତାଙ୍କ ପୁଅ ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କର ଜଣେ ପରମ ଭକ୍ତ ଥିଲେ। ସେ ବିଷ୍ଣୁଙ୍କ ଭକ୍ତିରେ ସର୍ବଦା ମଗ୍ନ ଓ ସମର୍ପିତ ରହୁଥିଲେ କିନ୍ତୁ ତାଙ୍କ ପିତା ହିରଣ୍ୟକଶ୍ୟପ ଏହାକୁ ଆଦୌ ପସନ୍ଦ କରୁନଥିଲେ। ତେଣୁ ପ୍ରହ୍ଲାଦଙ୍କୁ ହତ୍ୟା କରିବାକୁ ଅନେକ ଉପାୟରେ ଷଡ଼ଯନ୍ତ୍ର ରଚାଗଲା। ଶେଷରେ, ହିରଣ୍ୟକଶ୍ୟପଙ୍କ ଭଉଣୀ ହୋଲିକାଙ୍କୁ ପ୍ରହ୍ଲାଦଙ୍କ ସହ ନିଆଁରେ ପ୍ରବେଶ କରିବାକୁ ନିର୍ଦ୍ଦେଶ ଦିଆଗଲା। ଏହି ସମୟରେ ପ୍ରଭୁ ବିଷ୍ଣୁ ପ୍ରହ୍ଲାଦଙ୍କୁ ସାହାଯ୍ୟ କରିବାକୁ ଆସି ଭକ୍ତ ପ୍ରହ୍ଲାଦଙ୍କୁ ଉଦ୍ଧାର କରିଥିଲେ କିନ୍ତୁ ହୋଲିକା ନିଆଁରେ ଜଳି ଯାଇଥିଲେ। ସେହିଦିନଠାରୁ ହୋଲିକା ଦହନର ପରମ୍ପରା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ତାହାକୁ ବିଜୟର ଉତ୍ସବ ମନେକରି ସମସ୍ତେ ଏକତ୍ରିତ ହୋଇ ରଙ୍ଗ ଖେଳିବା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। କିମ୍ବଦନ୍ତୀ ଅନୁସାରେ, ଶ୍ରୀକୃଷ୍ଣଙ୍କ ରଙ୍ଗ କଳା ଏବଂ



ରାଧାରାଣୀଙ୍କ ରଙ୍ଗ ଗୋରା ଥିଲା। ଏନେଇ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ନିକଟରେ ସବୁଦିନ ଅଭିଯୋଗ କରିଆସୁଥିଲେ। ଯଶୋଦା ମାତା ଶ୍ରୀକୃଷ୍ଣଙ୍କୁ ରାଧାରାଣୀଙ୍କ ମୁହଁରେ ତାଙ୍କ ପରି ସମାନ ରଙ୍ଗ ଲଗାଇବାକୁ କହିଲେ, ଯାହାଦ୍ୱାରା ଦୁହେଁ ସମାନ ଦେଖାଯିବେ। ଭଗବାନ ଶ୍ରୀକୃଷ୍ଣ ବହୁତ ଖୁସି ହେଲେ ଏବଂ ତାଙ୍କ ବନ୍ଧୁମାନଙ୍କ ସହିତ ରାଧାରାଣୀଙ୍କୁ ରଙ୍ଗ ଲଗାଇବା ପାଇଁ ବାହାରକୁ ଗଲେ। ଭଗବାନ ଶ୍ରୀକୃଷ୍ଣ ମାତା ରାଧାରାଣୀଙ୍କୁ ରଙ୍ଗ ଲଗାଇଥିଲେ। ସେହିଦିନଠାରୁ ହୋଲି ଖେଳିବାର ପରମ୍ପରା ଶ୍ରୀକୃଷ୍ଣ ଏବଂ ରାଧା ରାଣୀଙ୍କ ପାଖରୁ ଆରମ୍ଭ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ ରହିଛି। ଏହାକୁ ମନେ ରଖିବା ପାଇଁ ପ୍ରତିବର୍ଷ ଲୋକମାନେ ବହୁତ ଉତ୍ସାହର ସହିତ ରଙ୍ଗ ଖେଳିବା ଆରମ୍ଭ କଲେ, ଯାହା 'ହୋଲି' ଭାବରେ ଜଣାଶୁଣା।

ହରିହର ପୁରାଣର ଅନୁସାରେ, ବିଶ୍ୱର ପ୍ରଥମ ହୋଲି ପ୍ରଭୁ ମହାଦେବ ଖେଳିଥିଲେ। ଏବଂ ଙ୍କ ସହ ଜଡ଼ିତ। ଭଗବାନ ଶିବ କୈଳାସ ପର୍ବତରେ ଧ୍ୟାନମଗ୍ନ ଥିଲେ। ରାକ୍ଷସ ତାରକାସୁରକୁ ବଧ କରିବା ପାଇଁ ପ୍ରେମର ଦେବତା କାମଦେବ ଏବଂ ତାଙ୍କ ପତ୍ନୀ ରତି ମହାଦେବ ଶିବଙ୍କୁ ଧ୍ୟାନରୁ ଉଠାଇବା ପାଇଁ ନୃତ୍ୟ ଆରମ୍ଭ କରିଥିଲେ। ତାଙ୍କର ନୃତ୍ୟ ଦ୍ୱାରା ଭଗବାନ ଶିବଙ୍କ ଧ୍ୟାନ ଭଗ୍ନ ହୋଇଥିଲା ଏବଂ ମହାଦେବ ଶିବଙ୍କ କ୍ରୋଧାଗ୍ନିରେ କାମଦେବ ଜଳିଗଲେ। ଏହାପରେ ରତି ଅନୁତାପରେ ଯେତେବେଳେ କାନ୍ଦିଲେ, ଭଗବାନ ଶିବ ତାଙ୍କ ପ୍ରତି ଦୟା କଲେ ଏବଂ କାମଦେବଙ୍କୁ ପୁନର୍ବାର ଜୀବିତ କଲେ। ଏହି ଖୁସିରେ ରତି ଏବଂ କାମଦେବ ବ୍ରଜ ମଣ୍ଡଳରେ ବ୍ରହ୍ମଭୋଜନର ଆୟୋଜନ କରିଥିଲେ, ଯେଉଁଥିରେ ଦେବଦେବୀମାନେ ଅଂଶଗ୍ରହଣ କରିଥିଲେ। ଚନ୍ଦନ ତିଳକ ଲଗାଇ ଏହି ଦିନକୁ ଉଲ୍ଲାସରେ ପାଳନ କରାଯାଇଥିଲା। କୁହାଯାଏ, ଏହି ଦିନଟି ଥିଲା ଫାଲ୍‌ଗୁନ ପୂର୍ଣ୍ଣିମା। ଭାରତୀୟ ଇତିହାସରୁ ଜଣାପଡେ, ଶ୍ରୀଚୈତନ୍ୟ ଦେବ ଏହି ଦିନ ଜନ୍ମଗ୍ରହଣ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଈଶ୍ୱର ହେଉଛନ୍ତି ସମସ୍ତଙ୍କର। ଏହି ବିଶ୍ୱାସ ଯୋଗୁଁ ହିଁ ନାମ ସଂକୀର୍ତ୍ତନ ହୋଲିରେ ପ୍ରବେଶ କରି ଏହାର ଏକ ଅଭିନ୍ନ ଅଂଶରେ ପରିଣତ ହୋଇଛି। ଏଣୁ ହୋଲି ପ୍ରେମ, ବିଶ୍ୱାସ, ଭ୍ରାତୃତ୍ୱ ଭାବ ଏବଂ ସଦ୍‌ଭାବନାର ଏକ ମହାପର୍ବ ବୋଲି ଶ୍ରୀଚୈତନ୍ୟ କହିଥିଲେ।

ଆଧୁନିକ ଭାରତ ବର୍ଷକୁ ଦେଖିଲେ ସମସ୍ତ ବର୍ଗର ଲୋକମାନେ ହୋଲିକୁ ଆନନ୍ଦ ଓ ଭାତୃତ୍ୱର ଗଣପର୍ବ ଭାବେ ପାଳନ କରିଥାନ୍ତି। ଆମ ଦେଶରେ ଥିବା ବିଭିନ୍ନ ରାଜ୍ୟରେ ବିଭିନ୍ନ ଢଙ୍ଗରେ ହୋଲି ଉତ୍ସବ ପାଳନ କରିବାର ଉତ୍ସୁକତା ଦେଖାଯାଏ। କିଛି ରାଜ୍ୟରେ ହୋଲି ଉତ୍ସବର ନାଁ ମଧ୍ୟ ଭିନ୍ନ ରହିଛି, ଯେମିତି ପଶ୍ଚିମବଙ୍ଗରେ 'ବସନ୍ତୋତ୍ସବ', ଆମ ଓଡ଼ିଶାରେ 'ଦୋଳଯାତ୍ରା' ମହାରାଷ୍ଟ୍ରରେ 'ରଙ୍ଗପଞ୍ଚମୀ', ଓ ଫାଲ୍ଗୁନ ପୂର୍ଣ୍ଣିମା, ପଞ୍ଜାବରେ 'ହୋଲ୍ଲା ମୋହୋଲା', ଉତ୍ତରପ୍ରଦେଶରେ 'ଲାଠମାର', ଗୋଆରେ 'ସିଗମୋ', କେରଳରେ 'ମଞ୍ଜଲ କୁଲି', ଗୁଜୁରାଟରେ 'ଧୁଲେଟି' ଓ ତାମିଲନାଡୁ ଏବଂ କର୍ଣ୍ଣାଟକରେ 'କାମ-ଦହନ'/'ମଦନୋତ୍ସବ' ନାମରେ ଜଣାଶୁଣା। କିନ୍ତୁ ମଥୁରା ଅନ୍ତର୍ଗତ ବ୍ରଜରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପ୍ରଥମେ ହୋଲି ଖେଳିଥିବାରୁ ତାହା 'ବ୍ରଜ ହୋଲି' ଭାବେ ପ୍ରସିଦ୍ଧ। ସବୁଠାରୁ ବଡ଼ କଥା ହେଲା, ବୃନ୍ଦାବନରେ ଫୁଲରେ ହୋଲି ଖେଳାଯାଏ। ମହାରାଷ୍ଟ୍ରରେ ପା□ଦିନ ଧରି ହୋଲି ପାଳିତ ହୋଇଥାଏ। ମାଠିଆ ଭଙ୍ଗା ଉତ୍ସବ ମଧ୍ୟ ହୋଲିର ଅନ୍ୟତମ ଆକର୍ଷଣୀୟ ପରମ୍ପରା ରହିଛି।

ଖାଲି ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ଏହି ପର୍ବ ପାଳନ କରନ୍ତି, ତାହା ନୁହେଁ; ବରଂ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆନନ୍ଦ, ଉଲ୍ଲାସର ସହ ପରସ୍ପରକୁ ଅବିର ଓ ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାନ୍ତି। କିଛି ସମୟ ପାଇଁ ହେଉ ପଛେ ସେମାନେ ଭୁଲିଯାନ୍ତି ସେମାନଙ୍କ ଜୀବନର ଥିବା ଅନେକ ସମସ୍ୟା ଏବଂ ସମସ୍ତ ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ। ରଙ୍ଗ ଭରିଦିଏ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା। କୁହାଯାଏ, ଏହିଦିନ ଶତ୍ରୁ ବି ଶତ୍ରୁତା ଭୁଲି ରଙ୍ଗ ଖେଳରେ ସାମିଲ ହୁଏ। ସେଥିପାଇଁ କୁହାଯାଏ 'ବୁରା ନା ମାନୋ ହୋଲି ହେ'। ଏହିପରି ଭାବେ ହୋଲି ଉତ୍ସବ ଆମ ସମାଜରେ ଭାଇଚାରା ଓ ମିତ୍ରତା ବଢ଼ାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଏ।

ବାଲେଶ୍ୱର, ମୋ -୯୩୩୭୪୦୪୨୫୪

# ଅନ୍ତଃକରଣର ଶୁଦ୍ଧତା ହେଉଛି 'ଧର୍ମ'

**ଡଃ ଅମୂଲ୍ୟ କୁମାର ପଣ୍ଡା**

ଧର୍ମ ହେଉଛି ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ଧର୍ମ କହିଲେ ଜୀବ କଲ୍ୟାଣ ଏବଂ ଅନ୍ତଃକରଣ ଶୁଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଆଚରଣର ନିୟମକୁ ବୁଝାଇଥାଏ। ଅଧର୍ମ କହିଲେ ନିଷିଦ୍ଧ କର୍ମକୁ ବୁଝାଇଥାଏ ଯାହା ପତନର କାରଣ ହୋଇଥାଏ ଏବଂ ସମାଜର ହାନି କରିଥାଏ। ଆସୁରିକ ସ୍ୱଭାବରେ ଶାସ୍ତ୍ର ଜ୍ଞାନ ପ୍ରତି ଶ୍ରଦ୍ଧା ନ ଥାଏ। ସୁତରାଂ, ଯେଉଁମାନଙ୍କର ସ୍ୱଭାବ ଆସୁରିକ, ସେମାନେ ଠିକ୍ ଭୁଲ୍‌ର ବିଚାର କରିପାରନ୍ତି ନାହିଁ। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ ଉଚିତ୍-ଅନୁଚିତ୍‌ର ବିବେଚନା କରି ପାରନ୍ତି ନାହିଁ। ତେଣୁ ସେମାନଙ୍କ ଚରିତ୍ରରେ ଶୁଦ୍ଧତା, ସତ୍ୟ କିମ୍ବା ଉଚିତ୍ ଆଚରଣ ଦୃଷ୍ଟିଗୋଚର ହୋଇ ନ ଥାଏ। ସେମାନେ କହନ୍ତି, ସଂସାର ସତ୍ୟ ରହିତ ଅଟେ । ଏହାର ଆଧାର (ଧାର୍ମିକ) କିଛି ନାହିଁ ଏବଂ ଏହା ଈଶ୍ୱରହୀନ (ଯିଏ ସୃଷ୍ଟି କରନ୍ତି ଏବଂ ନିୟନ୍ତ୍ରଣ କରନ୍ତି) ଅଟେ। ଏହା ଦୁଇ ଲିଙ୍ଗର ସଂଯୋଗରେ ସୃଷ୍ଟି ହୋଇଛି ଏବଂ ଯୌନ ସନ୍ତୋଷ ଅତିରିକ୍ତ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ଅନୈତିକ ବ୍ୟବହାରରୁ କ୍ଷାନ୍ତ ହେବାର ଦୁଇଟି ଉପାୟ ଅଛି। ପ୍ରଥମଟି, ଇଚ୍ଛାଶକ୍ତିର ଉପଯୋଗ କରି ଅଧର୍ମଠାରୁ ଦୂରେଇ ରହିବା ଏବଂ ଦ୍ୱିତୀୟ ଉପାୟଟି, ଭଗବାନଙ୍କ ଭୟରେ ପାପରୁ ନିବୃତ୍ତ ରହିବା। କେବଳ ନିଜ ଇଚ୍ଛାଶକ୍ତି ଉପଯୋଗ କରି ପାପ କର୍ମରୁ ନିବୃତ୍ତ ରହିବା ବ୍ୟକ୍ତି ବହୁତ କମ୍ ଅଛନ୍ତି। ଅଧିକାଂଶ ବ୍ୟକ୍ତି ଦଣ୍ଡ ଭୟରେ ଅସତ୍ ଆଚରଣ କରିବାରୁ ନିବୃତ ହୁଅନ୍ତି। ଉଦାହରଣ ସ୍ୱରୂପ, ଆମେ ରାଜପଥରେ ଲକ୍ଷ୍ୟ କରୁ, ଯେତେବେଳେ ଗୋଟିଏ ପୋଲିସ ଗାଡ଼ି ଦେଖାଯାଏ, ଲୋକମାନେ ତାଙ୍କ ଯାନର ଗତିକୁ ମନ୍ଥର କରିଦିଅନ୍ତି। କିନ୍ତୁ ଯେତେବେଳେ ଧରାପଡ଼ି କୌଣସି ଭୟ ନ ଥାଏ, ସେମାନେ ଗତିକୁ ସୀମା ଅତିରିକ୍ତ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ତେଣୁ ଆମେ ଯଦି ଭଗବାନଙ୍କୁ ବିଶ୍ୱାସ କରିବା, ଅନୈତିକ କାର୍ଯ୍ୟରୁ ଦୂରରେ ରହିବା। ତା ପରିବର୍ତ୍ତେ ଯଦି ଆମେ ଭଗବାନଙ୍କୁ ବିଶ୍ୱାସ କରିବା ନାହିଁ, ତେବେ ମଧ୍ୟ ତାଙ୍କର ସମସ୍ତ ନିୟମ ଆମ ପ୍ରତି ଲାଗୁ ହେବ ଏବଂ ଆମେ ଅନୁଚିତ୍ କର୍ମର ପରିଣତି ଭୋଗ କରିବା।

ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା 'ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା' ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, (ଦେବତା ଏବଂ/କିମ୍ବା ସନ୍ଥମାନଙ୍କ ପ୍ରତି) ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ, ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଆରମ୍ଭ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀ ସବୁକୁ ବେଳେବେଳେ ଅନୁଗାମୀମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ପାରମ୍ପରିକ ଭାବେ କାରଣ ରହିତ ବିଶ୍ୱାସକୁ ଧାର୍ମିକ ବିଶ୍ୱାସର ଉତ୍ସ ଭାବେ ବିବେଚନା କରାଯାଇଛି । ବିଶ୍ୱରେ ପ୍ରାୟ ୧୦,୦୦୦ରୁ ଅଧିକ ଧର୍ମ ରହିଛି । ବିଶ୍ୱ ଜନସଂଖ୍ୟାର ୮୪ ଭାଗ ଲୋକ ଖ୍ରୀଷ୍ଟ, ହିନ୍ଦୁ, ଇସ୍ଲାମ, ବୌଦ୍ଧ ତଥା ଲୋକପ୍ରଥା ସହ ଯୋଡି ହୋଇଛନ୍ତି । ଅବଶିଷ୍ଟ ଲୋକମାନେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବୋଲି ଭାବନ୍ତି ନାହିଁ କିମ୍ବା ସେମାନେ ନିଜକୁ ନାସ୍ତିକ ବୋଲି ମାନନ୍ତି ।

ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତି ମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମନକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକୀୟ ଅନୁଶାସନ ଅଟେ। ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାଁନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ। ସେମାନେ "ମହା ବିସ୍ଫୋଟ ସିଦ୍ଧାନ୍ତ" ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାର ର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାଁନ୍ତି। ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ। ବିଭିନ୍ନ ଇନ୍ଦ୍ରିୟ ସୁଖଭୋଗ ମଧ୍ୟରୁ, ଯୌନ ସମ୍ଭୋଗର ଇଚ୍ଛା ଅତି ପ୍ରବଳ ଅଟେ। ଏହାର କାରଣ ଭୌତିକ ଜଗତ ଆଧ୍ୟାତ୍ମିକ ଜଗତର ଏକ ବିକୃତ ପ୍ରତିରୂପ ଅଟେ। ଆଧ୍ୟାତ୍ମିକ ଜଗତରେ, ମୁକ୍ତ ଆତ୍ମା ଗୁଡିକର ଭଗବାନଙ୍କ ସହିତ ସମ୍ପର୍କ ଯୋଡ଼ିବାର ଆଧାର ଦିବ୍ୟପ୍ରେମ ଅଟେ। ମାୟିକ ଜଗତରେ ଏହାର ବିକୃତ ପ୍ରତିରୂପ ଯୌନ ସମ୍ଭୋଗ, ମାୟାଧୀନ ଜୀବମାନ ଙ୍କର ଚେତନାରେ ପ୍ରାଧାନ୍ୟ ବିସ୍ତାର କରିଥାଏ, ବିଶେଷତଃ ଯେଉଁମାନେ ରଜଗୁଣ-ପ୍ରଧାନ ଅଟନ୍ତି। ଅତଏବ, ଆସୁରିକ ସ୍ୱଭାବର ବ୍ୟକ୍ତି ଯୌନ ସମ୍ଭୋଗକୁ ମାନବ ଜୀବନର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଥାଆନ୍ତି । ଏପରି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଗ୍ରହଣ କରି ଏହି ବିପଥଗାମୀ ଜୀବ, ସେମାନ ଙ୍କର ସ୍ୱଳ୍ପ ବୁଦ୍ଧି ଏବଂ ନିଷ୍ଠୁର କର୍ମ ଦ୍ୱାରା, ସଂସାରର ବିଧ୍ୱଂସକରୀ ଶତ୍ରୁ ରୂପରେ ଦେଖାଦିଅନ୍ତି। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ-ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି। ଏହାର ଏକ ଉଦାହରଣ ହେଉଛି ଚାର୍ବାକ୍ ଙ୍କର ସିଦ୍ଧାନ୍ତ ଯିଏ କି, ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ ଅଟନ୍ତି । ସେ କହିଥିଲେ....

'ଯାବଜ୍ଜୀବେତ ସୁଖଂ ଜୀବେତ୍, ଋଣମ୍ କୃତ୍ୱା ଘୃତଂ ପିବେତ୍
ଭସ୍ମୀ ଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ' ।

ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ୍ୟ, ତାହା କର। ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ। ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରି ଥାଆନ୍ତି। ସେଥିପାଇଁ ସେମାନେ ନିର୍ଦ୍ୱନ୍ଦରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି। ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି। ସେମାନଙ୍କର ଆତ୍ମ-କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି। ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା ହିଟ୍‌ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ ଏମାନେ ସବୁ ଆସୁରିକ ସ୍ୱଭାବ ଯୁକ୍ତ ଥିଲେ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

# ରଙ୍ଗମୟ ଦୋଳ ଯାତ

**ଅକ୍ଷୟ କୁମାର ରାଉତ**

ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି। ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି। ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର। ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ। ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ। ବର୍ଣ୍ଣାଢ଼୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ। ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଂଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ।

ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା। ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା। ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ। ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ। ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ। ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ।

ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ। ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ। ଘଂଟ ଘଂଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଳଟ ଚାମର



ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି। ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ। ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି। ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ୍ୟ ମଣିଷ ପାଖକୁ ଆସେ। ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ।

ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି। ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ। ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ। ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ।

ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ। ଦୋଳ ବିମାନରେ ଥିବା ଦେବାଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତାପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି। ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମି ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି।

ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ। ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ। ଗୋଲାପି ରଙ୍ଗ ବିଶ୍ୱ ଭାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ। ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ। ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ। ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ। ସପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ। ବାଇଗଣି ରଙ୍ଗ ବିଜୟର ବାର୍ତାବହ। ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ। ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍।

ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି। ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି। ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି। ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ। ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ।

ମାତୃଭାଷା



# ଶ୍ରୀକ୍ଷେତ୍ରରେ ଦୋଳ ଉତ୍ସବ





**ଶ୍ରୀମନ୍ଦିର ରେ ଦୋଳ ଉତ୍ସବ ନିମନ୍ତେ ମା ଶ୍ରୀଦେବୀ, ମା ଭୂଦେବୀ ଙ୍କ ସହ ଶ୍ରୀ ଦୋଳଗୋବିନ୍ଦ ବିଜେ କରିଥାଆନ୍ତି । ଫାଲଗୁନ ଶୁକ୍ଳ ଦଶମୀ ତିଥି ଠାରୁ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଯାଏଁ ଶ୍ରୀଜୀଉ ଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେଉଥିଲା ବେଳେ ଦୋଳ ପୂର୍ଣ୍ଣମୀ ଦିନ ଶ୍ରୀଜୀଉ ଙ୍କ ସୁନା ବେଶ ଅନୁଷ୍ଠିତ ହୋଇଥାଏ । ଫଗୁ ଦଶମୀ ତ୍ରୟୋଦଶୀ ଯାଏଁ ବିମାନ ରେ ଠାକୁର ମାନେ ( ଶ୍ରୀଦେବୀ, ମା ଭୂଦେବୀ ଙ୍କ ସହ ଶ୍ରୀ ଦୋଳଗୋବିନ୍ଦ) ବିଜେ କରି ଜଗନ୍ନାଥ ବଲ୍ଲଭ ଯାଏଁ ବିଜେ କରିଥାଆନ୍ତି ଓ ଚତୁର୍ଦ୍ଦଶୀ ଦିନ ଶ୍ରୀକ୍ଷେତ୍ର ର ପଞ୍ଚ ମହାଦେବ ଙ୍କ ସହ ମିଶି ଦୋଳବେଦୀ ନିକଟ ରେ ରାଜାଗ୍ନି ଉତ୍ସବ (ମେଣ୍ଢା ପୋଡ଼ି) ନୀତି କରିଥାଆନ୍ତି । ଦୋଳ ପୂର୍ଣ୍ଣମା ଦିନ ଠାକୁର ମାନେ ଦୋଳ ବେଦୀ ରେ ବିଜେ କରିଥାଆନ୍ତି । ଦୋଳ ପୂର୍ଣ୍ଣମା ପରଦିନ ଅର୍ଥାତ୍ ହୋଲି ଦିନ ଠାକୁର ମାନେ ଚାପ ଅନୁକୂଳ ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀ ନିକଟକୁ ବିଜେ କରିଥାଆନ୍ତି ।**

**ଦୋଳେଷ୍ଟ ଦୋଳଗୋବିନ୍ଦଂ ଚାପେଷ୍ଟୁ ମଧୁସୁଦନମ୍।**
**ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ॥**

ଓଡିଶା ରେ ଅନେକ ପର୍ବପର୍ବାଣୀ ପାଳନ କରାଯାଏ, ସେଥିମଧ୍ୟରୁ ଦୋଳଉତ୍ସବ ଅନ୍ୟତମ । ଦୋଳ ପୂର୍ଣ୍ଣମା ଦିନ ଯେଉଁ ମଣ୍ଡପରେ ଠାକୁର ବିଜେ କରିଥାଆନ୍ତି, ସେହି ମଣ୍ଡପ ବା ବେଦୀ କୁ ଦୋଳମଣ୍ଡପ ବା ଦୋଳବେଦୀ କୁହାଯାଇଥାଏ । ଫାଲଗୁନ ଶୁକ୍ଳ ଦଶମୀ ତିଥି ଠାରୁ ଫାଲଗୁନ ପୂର୍ଣ୍ଣମା ପର୍ଯ୍ୟନ୍ତ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ ।

ଶ୍ରୀମନ୍ଦିର ରେ ଦୋଳ ଉତ୍ସବ ନିମନ୍ତେ ମା ଶ୍ରୀଦେବୀ, ମା ଭୂଦେବୀ ଙ୍କ ସହ ଶ୍ରୀ ଦୋଳଗୋବିନ୍ଦ ବିଜେ କରିଥାଆନ୍ତି । ଫାଲଗୁନ ଶୁକ୍ଳ ଦଶମୀ ତିଥି ଠାରୁ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଯାଏଁ ଶ୍ରୀଜୀଉ ଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେଉଥିଲା ବେଳେ ଦୋଳ ପୂର୍ଣ୍ଣମୀ ଦିନ ଶ୍ରୀଜୀଉ ଙ୍କ ସୁନା ବେଶ ଅନୁଷ୍ଠିତ ହୋଇଥାଏ । ଫଗୁ ଦଶମୀ ତ୍ରୟୋଦଶୀ ଯାଏଁ ବିମାନ ରେ ଠାକୁର ମାନେ ( ଶ୍ରୀଦେବୀ, ମା ଭୂଦେବୀ ଙ୍କ ସହ ଶ୍ରୀ ଦୋଳଗୋବିନ୍ଦ) ବିଜେ କରି ଜଗନ୍ନାଥ ବଲ୍ଲଭ ଯାଏଁ ବିଜେ କରିଥାଆନ୍ତି ଓ ଚତୁର୍ଦ୍ଦଶୀ ଦିନ ଶ୍ରୀକ୍ଷେତ୍ର ର ପଞ୍ଚ ମହାଦେବ ଙ୍କ ସହ ମିଶି ଦୋଳବେଦୀ ନିକଟ ରେ ରାଜାଗ୍ନି ଉତ୍ସବ (ମେଣ୍ଢା ପୋଡ଼ି) ନୀତି କରିଥାଆନ୍ତି । ଦୋଳ ପୂର୍ଣ୍ଣମା ଦିନ ଠାକୁର ମାନେ ଦୋଳ ବେଦୀ ରେ ବିଜେ କରିଥାଆନ୍ତି । ଦୋଳ ପୂର୍ଣ୍ଣମା ପରଦିନ ଅର୍ଥାତ୍ ହୋଲି ଦିନ ଠାକୁର ମାନେ ଚାପ ଅନୁକୂଳ ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀ ନିକଟକୁ ବିଜେ କରିଥାଆନ୍ତି ।

ଚାଚେରୀ ଗହଳ ସଖି ଗୋବିନ୍ଦଙ୍କ ଦୋଳ ।
ସର୍ବ ସୁଖ ଘେନି ଗଲେ ମଦନଗୋପାଳ॥

ପୂର୍ବେ ଦୋଳମଣ୍ଡପ ସାହିରେ ଅଙ୍ଗିରା ଆଶ୍ରମ ର ଆଗ ସାମନାରେ ଦୋଳବେଦୀ ଥିଲା । ସେ ସ୍ଥାନ କୁ ଦୋଳ ପୂର୍ଣ୍ଣିମାରେ ଶ୍ରୀଜୀଉମାନେ ଦୋଳି ଖେଳିବା ନିମନ୍ତେ ଯାତ୍ରା କରୁଥିଲେ । ଏକଦା ବଡ଼ବାଡ଼ ସାଆନ୍ତ ଶ୍ରୀ ବଳଭଦ୍ର ଙ୍କ ବାହୁ କ୍ଷତିଗ୍ରସ୍ତ ହେବା ପରଠାରୁ ଆଉ ଚତୁର୍ଦ୍ଧା ମୂର୍ତ୍ତି ଦୋଳବେଦୀ କୁ ବିଜେ କଲେ ନାହିଁ । ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରର ପୂର୍ବ-ଉତ୍ତର କୋଣରେ ଦୋଳବେଦୀ ନିର୍ମାଣ କରାଗଲା । ଦୋଳବେଦୀ କୁ ଦୋଳ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ବଦଳରେ ଚଳନ୍ତି ପ୍ରତିମାମାନେ (ମା ଭୂଦେବୀ, ଶ୍ରୀ ଦୋଳଗୋବିନ୍ଦ, ମା ଶ୍ରୀଦେବୀ) ବିଜେ କଲେ । ଯାହାକି ଅଦ୍ୟାବଧି ଚାଲୁ ରହିଅଛି ।

ଦୋଳବେଦୀ ଉପରେ ଥିବା କୁଞ୍ଜ ଟି କଳା ମୁଗୁନି ପଥରରେ ନିର୍ମିତ । ଉଭୟ ସ୍ତମ୍ଭ ର ଶୀର୍ଷ ଆଡ଼କୁ ଦୁଇ ଗୋଟି ମଗର ମୁଣ୍ଡ ରହିଅଛି । ସ୍ତମ୍ଭ ର ଖିଳଣ ରେ ବହୁ କାରୁକାର୍ଯ୍ୟ ମଧ୍ୟ ଦେଖିବାକୁ ମିଳେ । ଏହାର ଶୀର୍ଷ ଭାଗରେ ଏକ ଦଧିନଉତି, ତା ଉପରେ କଳସ ଓ କଳସ ରେ ଖଞ୍ଜା ଯାଇଛି ଚକ୍ର । ଏହି ଦୋଳବେଦୀ ର ଜୀର୍ଣ୍ଣୋଦ୍ଧାର ଭୋଇ ବଂଶର ରାଜା ଶ୍ରୀ ବୀରକିଶୋର ଦେବ କରିଥିବାରୁ ତାଙ୍କ ନାମ ଏହି ଦୋଳବେଦୀ ରେ ଖୋଦିତ ହୋଇଅଛି ।

ଦଧିନଉତି ର ଉଭୟ ପାର୍ଶ୍ୱରେ ପୂର୍ବ ଓ ପଶ୍ଚିମ କୁ ମୁହଁକରି ରହିଛି ଦୁଇଟି ପଥର ସିଂହ । ଦଧିନଉତି ମଧ୍ୟ ଭାଗରେ ରହିଛନ୍ତି ଯୋଡ଼ ହସ୍ତରେ ବସିଥିବା ଏକ ଗରୁଡ଼ । ଏହି କୁଞ୍ଜରେ ଥିବା ଦୁଇଟି ସ୍ତମ୍ଭ ରେ କେତେକ ସୁନ୍ଦର କାରୁକାର୍ଯ୍ୟ ମଧ୍ୟ ଦେଖିବାକୁ ମିଳିଥାଏ । ସେମାନଙ୍କ ମଧ୍ୟରେ ଦୁଇଟି ବିରଳ ନୃସିଂହ ବିଗ୍ରହ, ଶିବ, ବ୍ରହ୍ମା, ଇନ୍ଦ୍ର,ନାରଦ, ଗଙ୍ଗା ଓ ଯମୁନା ଙ୍କ ସହ ଅନ୍ୟାନ୍ୟ ଦେବ ବିଗ୍ରହ ଅନ୍ୟତମ । ମଣ୍ଡପର ତଳ ଅଂଶ ଗୁଡିକରେ ପ୍ରାୟ ଶତାଧିକ ଭାସ୍କର୍ଯ୍ୟ ରେ ପରିପୂର୍ଣ୍ଣ ବିଗ୍ରହ ଙ୍କ ଦେଖିବାକୁ ମିଳିଥାଏ, ସେମାନଙ୍କ ମଧ୍ୟରୁ କନ୍ଦର୍ପ ରଥ, କନ୍ଦର୍ପ ହସ୍ତୀ, ଗଣେଶ, ହନୁମାନ, ଶ୍ରୀ କୃଷ୍ଣ ,ଗରୁଡ଼, ଯଶୋଦା, ଚାମରୀ, ଅଳସୀ କନ୍ୟା, ଶାଳଭଞ୍ଜିକା, ଜୟ ଓ ବିଜୟ ଆଦି ଅନ୍ୟତମ ।



**ପୂର୍ବେ ଦୋଳମଣ୍ଡପ ସାହିରେ ଅଙ୍ଗିରା ଆଶ୍ରମ ର ଆଗ ସାମନାରେ ଦୋଳବେଦୀ ଥିଲା । ସେ ସ୍ଥାନ କୁ ଦୋଳ ପୂର୍ଣ୍ଣିମାରେ ଶ୍ରୀଜୀଉମାନେ ଦୋଳି ଖେଳିବା ନିମନ୍ତେ ଯାତ୍ରା କରୁଥିଲେ । ଏକଦା ବଡ଼ବାଡ଼ ସାଆନ୍ତ ଶ୍ରୀ ବଳଭଦ୍ର ଙ୍କ ବାହୁ କ୍ଷତିଗ୍ରସ୍ତ ହେବା ପରଠାରୁ ଆଉ ଚତୁର୍ଦ୍ଧା ମୂର୍ତ୍ତି ଦୋଳବେଦୀ କୁ ବିଜେ କଲେ ନାହିଁ । ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରର ପୂର୍ବ-ଉତ୍ତର କୋଣରେ ଦୋଳବେଦୀ ନିର୍ମାଣ କରାଗଲା । ଦୋଳବେଦୀ କୁ ଦୋଳ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ବଦଳରେ ଚଳନ୍ତି ପ୍ରତିମାମାନେ (ମା ଭୂଦେବୀ, ଶ୍ରୀ ଦୋଳଗୋବିନ୍ଦ, ମା ଶ୍ରୀଦେବୀ) ବିଜେ କଲେ । ଯାହାକି ଅଦ୍ୟାବଧି ଚାଲୁ ରହିଅଛି ।**

ଦୋଳବେଦୀ ର ଦକ୍ଷିଣ ପଟ ଓ ଉତ୍ତର ପଟକୁ ପାବଚ୍ଛ ରହିଅଛି । ବେଦୀର ଦ୍ୱାର ଦେଶରେ ୩ ଫୁଟର ୨ଟି ଗଜ ସିଂହ ମୂର୍ତ୍ତି ରହିଛି । ଦୋଳ ପୂର୍ଣ୍ଣିମା ର ପୁର୍ବ ଦିନ ବଡ଼ଓଡ଼ିଆ ମଠ ପକ୍ଷରୁ ଏହି ମଣ୍ଡପର ମାର୍ଜ୍ଜନା ନିମିତ୍ତ ଚୁଆ ଓ ରାଶିତେଲ ପ୍ରତିବର୍ଷ ଯୋଗାଯାଇଥାଏ । ଦୋଳପୂର୍ଣ୍ଣିମା ଦିନ ଦୋଳବେଦୀ ରେ ଦୋଳି ଲଗାଯାଇଥାଏ, ସେଥିରେ ଠାକୁର ମାନେ ବିରାଜମାନ କରିଥାନ୍ତି ଓ ଉପରେ ଚାନ୍ଦୁଆ ମାନ ବନ୍ଧା ଯାଇଥାଏ ।

ଗତବର୍ଷ ପୁରୀ ଐତିହ୍ୟ ପଦଯାତ୍ରା ର ସଦସ୍ୟ ମାନେ ଦୋଳବେଦୀ ର ପ୍ରାଚୀର ରେ ଏକ ଶିଳାଲେଖ କୁ ଦେଖିବାକୁ ପାଇଥିଲେ । ଏହି ଶିଳାଲେଖ ତଥା ଏଠାରେ ଥିବା ପ୍ରାୟ ଶତାଧିକ ପ୍ରାଚୀନ ମୂର୍ତ୍ତି ଗୁଡିକ ର ସୁରକ୍ଷା ଐତିହ୍ୟ ତଥା ଧାର୍ମିକ ଦୃଷ୍ଟିକୋଣ ରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଶ୍ରୀକ୍ଷେତ୍ର ବିଭିନ୍ନ ସ୍ଥାନ ରେ ବିରାଜିତ ପଞ୍ଚ ମହାଦେବ ଙ୍କ ସମେତ ରାଧାକୃଷ୍ଣ, ହର ପାର୍ବତୀ, ହନୁମାନ, ରାମ - ଲକ୍ଷ୍ମଣ- ସୀତା ଙ୍କ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଥାଏ । ସବୁଠାରୁ ଅନନ୍ୟ ଭାବେ ବାଲି ସାହି ସ୍ଥିତ ମା ଶ୍ୟାମାକାଳୀ ଙ୍କ ମଧ୍ୟ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଥାଏ । ପୁରୀ ର ବିଭିନ୍ନ ଗ୍ରାମ ମାନଙ୍କ ରେ ମେଳଣ ପଡିଆ ରେ ଦୋଳ ମେଳଣ ଅନୁଷ୍ଠିତ ହୋଇଥାଏ । ଦୋଳ ରେ ବିରାଜିତ ଠାକୁର ମାନଙ୍କୁ ଚଣା, ଖଣ୍ଡ ଚଣା, ଖଣ୍ଡ ଚିନି, ଶାକର, ଫଳ ଆଦି ଭୋଗ ଅର୍ପଣ କରାଯାଇଥାଏ ।

*ଦୁର୍ଗାମାଧବ ମହାନ୍ତି*
*୮୭୭୩୪୯୨୩୪୬*
*ଡ଼ିଏଭି ସ୍କୁଲ ଲେନ୍, ପୁରୀ*



# ଜଗତସିଂହପୁର ଜିଲ୍ଲାର ବୌଦ୍ଧ କୀର୍ତ୍ତିରାଜୀ

ଜଗତସିଂହପୁର ଜିଲ୍ଲା କଲ୍ୟାଣପୁର ଗ୍ରାମର ନାଗାର୍ଜୁନ ପୀଠ । ସ୍ଥାନୀୟ ଅଧିବାସୀମାନେ କେଉଁକାଳରୁ ଏହି ପୀଠରେ ଥିବା ଦୁଇଟି ପ୍ରାଚୀନ ମୂର୍ତ୍ତିଙ୍କୁ ଶ୍ରୀବିଷ୍ଣୁଙ୍କ ସ୍ୱରୂପ ମନେକରି ଉପାସନା କରୁଛନ୍ତି, ହେଲେ ବାସ୍ତବରେ ଦେଖିବାକୁ ଗଲେ ଏହି ବିଗ୍ରହ ଦୁଇଟି ସନାତନ ହିନ୍ଦୁ ଦେବଦେବୀ ଆଦୌ ନୁହନ୍ତି । ଏହି ମୂର୍ତ୍ତିଦ୍ୱୟ ସିଧାସଳଖ ଭାବେ ବୌଦ୍ଧ ଧର୍ମ ସହ ଜଡ଼ିତ । ଏହି ମୂର୍ତ୍ତି ଦୁଇ ହେଉଛି ବୋଧିସତ୍ୱ ମଞ୍ଜୁଶ୍ରୀ ଓ ଗୌତମ ବୁଦ୍ଧଙ୍କ ସ୍ୱର୍ଗରୁ ଧରାବତରଣ ମୂର୍ତ୍ତି ।

ଓଡ଼ିଶାରେ ଯଜ୍ଞପୁର ବା ଆଧୁନିକ ଯାଜପୁରର ବିରଜାକ୍ଷେତ୍ର ପରେ, ସର୍ବପୁରାତନ ଶକ୍ତି ଉପାସନା କେନ୍ଦ୍ର ହେଉଛି ଆଧୁନିକ ଜଗତସିଂହପୁର ଜିଲ୍ଲା ଝଙ୍କଡ଼ ପ୍ରଗଣାର ମାଆ ଶାରଳା ଠାକୁରାଣୀଙ୍କ ପୀଠ । ଭଗବତୀ ଶାରଳାଙ୍କ ପୀଠରୁ ଆରମ୍ଭ କରି ପରାହାଟ ଗ୍ରାମର ଭଗବତୀ, ବାଲିଆ ଗୋପୀନାଥପୁରର ଭଗବତୀ, କୁତାମଚଣ୍ଡୀ, ଆମ୍ବିକାଇ ଆଦି ଦେବୀ ପୀଠ ସହିତ ଛୋଟ ବଡ଼ ଅଗଣିତ ଚାମୁଣ୍ଡା ମୂର୍ତ୍ତି, ଜଗତସିଂହପୁର ଜିଲ୍ଲାରେ ଦେଖିବାକୁ ମିଳେ । ମାତ୍ର ଶିବ ଶକ୍ତି ଉପାସନାର ପ୍ରବଲ୍ୟ ଭିତରେ ବୌଦ୍ଧକୀର୍ତ୍ତି ଦେଖିଲେ ଯେତିକି ଆଶ୍ଚର୍ଯ୍ୟ ଲାଗେ, ତାର ଇତିହାସ ଜାଣିବା ପାଇଁ ମନରେ ଜିଜ୍ଞାସା ମଧ୍ୟ ଜାତ ହୁଏ ।

ଗୋଟେ ସମୟରେ ବୌଦ୍ଧଧର୍ମ କେବଳ ଯେ ଜମ୍ବୁଦ୍ୱୀପ ଭାରତରେ ନୁହେଁ; ବରଂ ସମଗ୍ର ବିଶ୍ୱରେ ଏକ ପ୍ରମୁଖ ଧର୍ମ ରୂପେ ପରିଗଣିତ ହେଉଥିଲା । ଖ୍ରୀଷ୍ଟପୂର୍ବ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ଜଣେ ବ୍ୟକ୍ତିଙ୍କର ଜନ୍ମହୁଏ । ଜନ୍ମରୁ ଅସାଧାରଣ ଦକ୍ଷତାର ଅଧିକାରୀ ଓ ସେ ଥିଲେ ଲୁମ୍ବିନୀର ରାଜକୁମାର କିନ୍ତୁ ନିଜ ୨୯ ବର୍ଷ ବୟସରେ ମାନବ ଜୀବନର କଷ୍ଟ ଓ ସମାଜରେ ଚାଲିଥିବା ଅସମାନତା ଓ କୁସଂସ୍କାର ଦେଖି ନିଜ ରାଜପାଟ ଓ ପରିବାର ତ୍ୟାଗକରି ସତ୍ୟର ଅନୁସନ୍ଧାନରରେ ବାହାରି ପଡ଼ିଥିଲେ ଓ ଭାରତରେ ପରମ ଜ୍ଞାନ ପ୍ରାପ୍ତି କରିଥିଲେ । ସେ ଥିଲେ ଗୌତମ ବୁଦ୍ଧ, ଯାହାଙ୍କ ସରଳ ଜ୍ଞାନ ଓ ଚିନ୍ତାଧାରା ଦ୍ୱାରା ବୌଦ୍ଧ ଧର୍ମ ପରିଚୟ ପାଇଥିଲା । ସେ ସମୟରେ ଅନ୍ୟାନ୍ୟ ଧର୍ମରେ ପ୍ରଚଳିତ ଥିବା ଜଟୀଳତାଠୁ ବୌଦ୍ଧ ଧର୍ମ ବହୁତ୍ ସରଳ ଥିଲା । ଏହି ଧର୍ମର ମୂଳମନ୍ତ୍ରଥିଲା, ଯେ କୁସଂସ୍କାର ଓ ଅନ୍ଧବିଶ୍ୱାସରେ କବଳିତ ନା ହୋଇ ନିଜେ ନିଜକୁ ଆଲୋକ ଦେଖାଇ ମୋକ୍ଷଗାମୀ ହୁଏ ।

ଏହି କାରଣରୁ ସୁଦୂର ଇଣ୍ଡୋନେସିଆ, ଥାଇଲାଣ୍ଡ, ଚିନ୍, ଜାପାନ, କମ୍ବୋଡ଼ିଆ ଦେଶ ଆଦି ବୌଦ୍ଧଧର୍ମକୁ ଆପଣାଇ ନେଇଥିଲେ । ତଥାଗତ ବୁଦ୍ଧ କେବେ ଓଡ଼ିଶା ଆସିଥିଲେ କି ନାହିଁ ତାର କୌଣସି ପ୍ରମାଣ ମିଳେନି କିନ୍ତୁ ଓଡ଼ିଶା ଥିଲା ବୌଦ୍ଧଧର୍ମର ଏକ ପ୍ରମୁଖ ଗଡ । ବୌଦ୍ଧ ପାଲିଗ୍ରନ୍ଥ ଅଙ୍ଗୁତ୍ତର-ନିକାୟ ଅନୁସାରେ ଦୁଇ ଓଡ଼ିଆ ବଣିକ ଭ୍ରାତା ତପସ୍ସ ଏବଂ ଭଲ୍ଲିକ ବୁଦ୍ଧଙ୍କ ଶିଷ୍ୟ ହୋଇଥିଲେ ଓ ବୁଦ୍ଧ ତାଙ୍କୁ ନିଜ କେଶଗୁଚ୍ଛ ଦେଇଥିଲେ । ତାହାକୁ ଓଡ଼ିଶାରେ ସ୍ଥାପନ କରାଇ ଓଡ଼ିଶାରେ ବୌଦ୍ଧଧର୍ମର ଜୟ ଯାତ୍ରା ଆରମ୍ଭ ହୋଇଥିଲା ।

ପରେ କଳିଙ୍ଗ ଯୁଦ୍ଧର ପରବର୍ତ୍ତୀ ସମୟରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ- ତୃତୀୟ ଶତାବ୍ଦୀରେ ଅଶୋକଙ୍କ ଦ୍ୱାରା ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଏତେ ମାତ୍ରାରେ ହୋଇଥିଲା, ଯଦ୍ୱାରା କେବଳ ଓଡ଼ିଶା ନୁହେଁ କି ଭାରତ ନୁହେଁ ସମଗ୍ର ବିଶ୍ୱରେ ବୌଦ୍ଧ ଧର୍ମ ଏକ ପ୍ରମୁଖ ଧର୍ମ ରୂପେ ଉଭା ହୋଇଥିଲା । ଓଡ଼ିଶାରେ ମଧ୍ୟ ଲଳିତଗିରି, ରତ୍ନଗିରି, ଉଦୟଗିରି ଭଳି ଅନେକ ବୌଦ୍ଧବିହାରମାନ ଗଢିଉଠିଥିଲା । ଏବଂ ତତ୍କାଳୀନ ଶୈଳୋଦ୍ଭବ ଓ ଭୌମକର ବଂଶୀୟ ଶାସକମାନେ ବୌଦ୍ଧ ଧର୍ମାବଲମ୍ବି ଥିଲେ । ଏହା ସହ ବୌଦ୍ଧଧର୍ମର ଏକ ପନ୍ଥା ବଜ୍ରଯାନର ଜନ୍ମ ଓଡ଼ିଶାରୁ ହୋଇଥିଲା ବୋଲି ମଧ୍ୟ ପ୍ରମାଣ ମିଳେ ଏଣୁ ଏହାର ଅନ୍ୟନାମ ଉଡ୍ଡୀୟାନ ତନ୍ତ୍ର ।

ଚୀନ୍ ପରିବ୍ରାଜକ ହୁଏନ୍ ସାଂ (Hiuen Tsang) ଷଷ୍ଠ-ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଶା ଆଗମନ କରିଥିଲେ । ସେ ତାଙ୍କ ପୁସ୍ତକ 'ସି-ୟୁ-କି' (ଝସ-ଶଙ୍କ-କସ) ରେ ଓଡ଼ିଶାର ପୁଷ୍ପଗିରି ନାମକ ଏକ ବିଶାଳ ବୌଦ୍ଧ ବିଶ୍ୱବିଦ୍ୟାଳୟ ବିଷୟରେ ଉଲ୍ଲେଖ କରିଛନ୍ତି, ଯାହା ସେ ସମୟରେ ନାଳନ୍ଦା ଭଳି ପ୍ରସିଦ୍ଧ ଥିଲା । ଏଥି ସହିତ ସେ ଉକ୍ତ ବହିରେ ଜଗତସିଂହପୁର ଜିଲ୍ଲାର ବର୍ଣ୍ଣନା ମଧ୍ୟ କରିଛନ୍ତି । ସେ ଲେଖିଛନ୍ତି ଯେ, 'ଚେଲିତାଲୋ ବୋଲି ଏକ ବନ୍ଦର ଅଛି ଯାହାର ଆଖପାଖ ଅଞ୍ଚଳରେ ଅନେକ ବୌଦ୍ଧ ବିହାର ରହିଛି' । ଯଦି ଆମେ ନିଜ ତରଫରୁ ଜାଣିବାକୁ ଚେଷ୍ଟା କରିବା ତେବେ ଜାଣିବାକୁ ପାଇବା ଯେ ଜଗତସିଂହପୁରର ତିର୍ତ୍ତୋଲ ଅଞ୍ଚଳରେ ଚେଲିତାଲୋ ବୋଲି ଏକ ବନ୍ଦର ଥିବାର



ପ୍ରମାଣମିଳେ । ଯାହାର ଚାରିପାଖରେ ତାରପୁର, ପାରାଦ୍ୱୀପ ଗଡ, ମାରିଚିପୁର ଇତ୍ୟାଦି ବୌଦ୍ଧସ୍ଥଳୀ ଗୁଡ଼ିକ ରହିଛି । ଏହି ନାଗାର୍ଜୁନ ପୀଠ ମଧ୍ୟ ଏହି ସ୍ଥଳିଗୁଡ଼ିକ ମଧ୍ୟରୁ ଅନ୍ୟତମ ।

ବୌଦ୍ଧ ଧର୍ମର ବିଭିନ୍ନ ଶାଖା ଗୌତମ ବୁଦ୍ଧଙ୍କ ମୃତ୍ୟୁ ପରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବିଚାରଧାରା ଯୋଗୁଁ ସୃଷ୍ଟି ହୋଇଥିଲା । ମୁଖ୍ୟତଃ ଏହାକୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି ହିନଯାନ, ମହାଯାନ ଏବଂ ବଜ୍ରଯାନ । ହିନଯାନ ପନ୍ଥୀ ଗୌତମ ବୁଦ୍ଧଙ୍କ ମୂଳ ଶିକ୍ଷାକୁ ଅବିକଳ ପାଳନ କରିବାରେ ବିଶ୍ୱାସ କରନ୍ତି । ଏହି ଶାଖାରେ ବୁଦ୍ଧଙ୍କୁ ଜଣେ ମହାପୁରୁଷ ବା ମାର୍ଗଦର୍ଶକ ଭାବେ ଗ୍ରହଣ କରାଯାଏ, ଭଗବାନ ଭାବେ ନୁହେଁ । ଖ୍ରୀଷ୍ଟାବ୍ଦ ପ୍ରଥମ - ଦ୍ୱିତୀୟ ଶତାବ୍ଦୀ ବେଳକୁ ବୌଦ୍ଧ ଧର୍ମରେ କିଛି ନୂତନ ବିଚାରଧାରା ଆସିଲା, ଯାହାକୁ 'ମହାଯାନ' କୁହାଗଲା । ଏହାର ପ୍ରଚାରକ ବୌଦ୍ଧଗୁରୁ ନାଗାର୍ଜୁନ ଥିଲେ । ଏଠାରେ ବୁଦ୍ଧଙ୍କୁ ଭଗବାନ ରୂପେ ପୂଜା କରାଗଲା ଏବଂ ପ୍ରଥମ କରି ଗୌତମ ବୁଦ୍ଧଙ୍କ ପ୍ରତିମା ନିର୍ମାଣ ହେଲା ।

ବଜ୍ରଯାନ ବା ତାନ୍ତ୍ରିକ ବୌଦ୍ଧ ଧର୍ମରେ ମନ୍ତ୍ର, ଯନ୍ତ୍ର ଏବଂ ତାନ୍ତ୍ରିକ ବିଦ୍ୟାର ପ୍ରୟୋଗ ହେଲା ଓ ତାରା, ହେରୁକ , ପ୍ରଜ୍ଞାପାରମିତା, ଅବଲୋକିତେଶ୍ୱର ଇତ୍ୟାଦି ବୋଧିସତ୍ତ୍ୱମାନଙ୍କ ତନ୍ତ୍ର ଆଧାର ପୂଜା କରାଗଲା । ହୁଏତ ଏହି ନାଗାର୍ଜୁନ ପୀଠଟି ମହାଯାନର ଗୁରୁ ନାଗାର୍ଜୁନଙ୍କ ଓଡ଼ିଶା ଭ୍ରମଣ ସମୟରେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରତିଷ୍ଠା ହୋଇଥିବ ।କାରଣ ଏଠାରେ ଥିବା ଦୁଇଟି ମୁଖ୍ୟ ମୂର୍ତ୍ତି ମହାଯାନ ଶାଖା ଅନ୍ତର୍ଭୁକ୍ତ ଅଟେ । ପ୍ରଥମଟି ହେଉଛି ବୋଧିସତ୍ୱ ମଞ୍ଜୁଶ୍ରୀଙ୍କ ମୂର୍ତ୍ତି । ମଞ୍ଜୁଶ୍ରୀ ବୌଦ୍ଧ ଧର୍ମର ଏକ ଅତ୍ୟନ୍ତ ପ୍ରମୁଖ ବୋଧିସତ୍ତ୍ୱ । ସେ ଜ୍ଞାନ ଓ ବୁଦ୍ଧିର ପ୍ରତୀକ । ବୌଦ୍ଧ ଧର୍ମ କହେ ଅଜ୍ଞାନ ହେଉଛି ସମସ୍ତ ଦୁଃଖର ମୂଳ, ଏବଂ ମଞ୍ଜୁଶ୍ରୀ ସେହି ଅଜ୍ଞାନକୁ କାଟିଦେବାର ଦେବତା । ଏଠାରେ ସେ ହାତରେ ପୁସ୍ତକ ସହ ପଦ୍ମକଢ଼ ଧାରଣ କରି ସିଂହ ଉପରେ ବସିଛନ୍ତି । ଯାହାହେଉଛି ଜ୍ଞାନ,ବିବେକ ଓ ସାହସର ପ୍ରତୀକ । ମଞ୍ଜୁଶ୍ରୀଙ୍କ କେତେକ ମୂର୍ତ୍ତିଙ୍କ ହାତରେ ଅଗ୍ନିମୟ ଖଣ୍ଡା ଧାରଣ କରିଥିବାର ଦେଖାଯାଏ ଯାହା ହେଉଛି ଅନ୍ଧକାର ରୂପି ଅଜ୍ଞାନତାକୁ କାଟିବାର ପ୍ରତୀକ ।



ଦ୍ୱିତୀୟଟି ହେଉଛି ବୁଦ୍ଧଦେବାବତରଣ ମୂର୍ତ୍ତି । ମୂର୍ତ୍ତିରେ ବୁଦ୍ଧ ସ୍ୱର୍ଗରୁ ତିନୋଟି ସିଡି ସାହାଯ୍ୟରେ ଧରାବତରଣ କରୁଛନ୍ତି ଓ ତାଙ୍କୁ ସ୍ୱର୍ଗାର ଶାସକ ଶକ୍ର ବା ଇନ୍ଦ୍ର, ବ୍ରହ୍ମା ଓ ଅନ୍ୟଦେବତାମାନେ ବାଟ କଢ଼େଇ ନେଉଛନ୍ତି । ଲୋକକଥା ଅଛି ଯେ ବୁଦ୍ଧଙ୍କ ମାତା ମହାମାୟା ଦେବୀ ବୁଦ୍ଧଙ୍କୁ ଜନ୍ମ ଦେବାର ଅଳ୍ପଦିନ ପାରେ ପରେ ସ୍ୱର୍ଗବାସୀ ହୋଇଥିଲେ ବୁଦ୍ଧ ମାତୃ-ଋଣ ଶୋଧ କରିବା ପାଇଁ ସ୍ୱର୍ଗକୁ ଯାଇ ଉଭୟ ଦେବତା ଓ ତାଙ୍କ ମାତାଙ୍କୁ ଧର୍ମ ଉପଦେଶ ଦେଇଥିଲେ ।ତିନି ମାସ ପରେ ବୁଦ୍ଧ ପୃଥିବୀକୁ ଫେରିଲେ ଓ ସଂକାଶ୍ୟ ନାମକ ସ୍ଥାନରେ ଯାହାକି ଉତ୍ତର ପ୍ରଦେଶରେ ଅବସ୍ଥିତ, ଶକ୍ରଙ୍କ ଦ୍ୱାରା ନିର୍ମିତ ତିନୋଟି ସିଡି ସାହାଯ୍ୟରେ ଧରାବତରଣ କଲେ । ମଝିରେ ସୁନା ସିଡ଼ି- ବୁଦ୍ଧ, ଡାହାଣେ ରୂପା ସିଡ଼ି,- ବ୍ରହ୍ମା, ବାମେ ମଣି ସିଡ଼ି- ଇନ୍ଦ୍ର ବା ଶକ୍ର । ଏ ସମୟରେ ମନୁଷ୍ୟ, ଦେବତା ସମସ୍ତେ ବୁଦ୍ଧଙ୍କୁ ଦେଖୁଥିଲେ ।

କିନ୍ତୁ ଆଜି ଏ ପ୍ରମୁଖ ବୌଦ୍ଧ ମୂର୍ତ୍ତିଗୁଡ଼ିକ ହିନ୍ଦୁମୂର୍ତ୍ତି ଭାବେ ପୂଜା ହେଉଛନ୍ତି । ଖାଲି ଏଠି ନୁହେଁ; କାକଟପୁରରେ ବୌଦ୍ଧ ଦେବୀ ତାରା, ମଙ୍ଗଳା ଭାବରେ ପୂଜିତ, ଏଠାରୁ କିଛିଦୂର ତାରପୁରରେ ପ୍ରଜ୍ଞାପାରମିତା ଦେବୀ ନାରାୟଣୀ ଭାବରେ ପୂଜିତା, ପାରାଦ୍ୱୀପଗଡ଼ରେ ଅବଲୋକିତେଶ୍ୱର ବିଷ୍ଣୁ ଭାବରେ ପୂଜିତ ।

ଏହାର କାରଣ ହେଉଛି ବୌଦ୍ଧଧର୍ମ ସମୟନୁକ୍ରମେ ଜଟିଳ ହୋଇଉଠିଲା ଏଣୁ ସାଧାରଣ ଲୋକମାନେ ଏହାକୁ ଆଉ ବୁଝି ପରିଲେନାଇଁ ଯେଉଁ ଜଟୀଳତା କାରଣରୁ ଗୌତମବୁଦ୍ଧ ବୈଦିକ ପରମ୍ପରା ଛାଡ଼ିଥିଲେ ସେହି ଜଟୀଳତାସବୁ ବୌଦ୍ଧଧର୍ମରେ ଦେଖାଗଲା ଓ ଶଙ୍କରାଚାର୍ଯ୍ୟ ବୈଦିକ ପରମ୍ପରାକୁ ସରଳିକୃତକରି ସାଧାରଣଲୋକଙ୍କ ଠାରୁ ଆରମ୍ଭ କରି ରାଜାମାନଙ୍କ ମଧ୍ୟରେ ଆଦୃତ କରାଇଲେ ଏହି କାରଣରୁ ଧୀରେ ଧୀରେ ବୌଦ୍ଧଧର୍ମ ହିନ୍ଦୁ ଧର୍ମ ସହ ସମନ୍ୱୟ ହୋଇଗଲା । ଶ୍ରୀଜଗନ୍ନାଥଙ୍କୁ 'ନବମ ଅବତାର' ବା ବୁଦ୍ଧ ରୂପେ ଗ୍ରହଣ କରାଗଲା । ଜୟଦେବଙ୍କ 'ଗୀତଗୋବିନ୍ଦ'ରେ ବୁଦ୍ଧଙ୍କୁ ବିଷ୍ଣୁଙ୍କ ଅବତାର ଭାବେ ବର୍ଣ୍ଣନା କରି ଲେଖିଲେ, 'କେଶବ ଧୃତ ବୁଦ୍ଧ ଶରୀର, ଜୟ ଜଗଦୀଶ ହରେ' ? ।

ଏହିପରି ଭାବେ ଓଡ଼ିଶାର ମାଟିରେ ବୌଦ୍ଧଧର୍ମ ନିଜର ସ୍ୱତନ୍ତ୍ର ପରିଚୟ ହରାଇ ମଧ୍ୟ ଲୋକ ବିଶ୍ୱାସ ଓ ଜଗନ୍ନାଥ ଚେତନା ମଧ୍ୟରେ ଚିରକାଳ ପାଇଁ ଜୀବିତ ହୋଇ ରହିଲା । ବୁଦ୍ଧ କେବେବି ଆମଠୁ ଅଲଗା ହେଲେନି ସେ ଏହିପରିଭାବେ ବିଭିନ୍ନ ରୂପରେ ଅମସହ ଆଜିବି ଅଛନ୍ତି ଓ ଆମେ ଆଜିବି ଅଜାଣତରେ ବୁଦ୍ଧଙ୍କୁ ପୂଜୁଛୁ ।

*ସମ୍ବିତ ସିଂହ*
*ଜଇପୁର, ଜଗତସିଂହପୁର ୭୫୪୧୩୩*
*ଫୋନ୍ ୯୭୭୮୫୮୨୯୭୩*

# ହ୍ୟାଲୋ ବଲିଉଡ୍



## ଦ୍ୱିତୀୟ ଦିନରେ 'ତେରେନାମ୍'ର ୨୫ ଲକ୍ଷ କଲେକ୍ସନ

'ତେରେନାମ' ବଲିଉଡ ସୁପରଷ୍ଟାର ସଲମାନ ଖାନଙ୍କ ଅଭିନୀତ ଏହି ଫିଲ୍ମ ଦୁଇ ଦଶନ୍ଧି ପୂର୍ବେ ବେଶ ହିଟ୍ ହୋଇଥିଲା । ଏହାର ଗୀତ ଗୁଡ଼ିକ ଆଜି ମଧ ଲୋକେ ଗୁଣୁ ଗୁଣାଉଛନ୍ତି । ଏହି ଫିଲ୍ମ ଏବେ ପୁଣିଥରେ ରି-ରିଲିଜ୍ ହୋଇଛି । ପ୍ରଥମ ଦିନରେ ଏହି ଫିଲ୍ମ ୨୫ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ଦ୍ୱିତିୟ ଦିନରେ ମଧ ୨୫ ଲକ୍ଷ ଟଙ୍କା ରୋଜଗାର କରିପାରିଛି । ଦୁଇଦିନରେ ମୋଟ ୫୦ ଲକ୍ଷ ଟଙ୍କାର ବ୍ୟବସାୟ କରିପାରିଛି । ତେବେ ଆଶା କରାଯାଉଛି କି, ପ୍ରଥମ ସପ୍ତାହରେ ଏହି ଫିଲ୍ମ ଏକ କୋଟି ଟଙ୍କାର ପାର କରିବ । ଏବେ ମଧ ଦର୍ଶକେ ଏହି ପୁରୁଣା ଫିଲ୍ମକୁ ଆଗ ଭଳି ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । 'ତେରେନାମ' ଫିଲ୍ମ ୨୦୦୩ ମସିହାରେ ରିଲିଜ୍ ହୋଇଥିଲା । ୧୦ କୋଟି ଟଙ୍କା ବ୍ୟୟରେ ଫିଲ୍ମ ନିର୍ମାଣ ହୋଇଥିଲା । ଏହି ଫିଲ୍ମ ସୁପରହିଟ୍ ହୋଇଥିଲା । ଏହାସହ ବ୍ୟବସାୟ ଦୃଷ୍ଟି କୋଣରୁ ମଧ ଭଲ ହୋଇଥିଲା । ୨୪.୫୪ କୋଟି ଟଙ୍କାର ରୋଜଗାର କରିଥିଲା । ସଲମାନ ଖାନଙ୍କ ଅଭିନୟକୁ ଦର୍ଶକେ ଏତେ ଭଲ ପାଇବା ଦେଇଥିଲେ କି, ସେହି ସମୟରେ ତାଙ୍କର ହେୟାର ଷ୍ଟାଇଲକୁ ପ୍ରାୟ ଅନୁସରଣ କରିଥିଲେ । ସେହି ସମୟରେ ଏହି ଷ୍ଟାଇଲ ମଧ ଅନେକ ଯୁବପୀଢ଼ୀମାନେ କରିଥିଲେ । ଦୁଃଖଦ ଲଭଷ୍ଟୋରୀ ଫିଲ୍ମଟି ସେହି ସମୟରେ ସମସ୍ତ ବର୍ଗର ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଥିଲା । ସବୁଠାରୁ ଏହି ଫିଲ୍ମର ଗୀତ ଗୁଡ଼ିକ ଅଧିକ ମନକୁ ଛୁଇଁଥିଲା । ମ୍ୟୁଜିକାଲ ହିଟ୍ ହୋଇଥିବା ସମସ୍ତ ଗୀତକୁ ଭଲ ପାଇବା ମିଳିଛି ।

# କୁଚବିହାରରେ ବିଦ୍ୟୁତ୍ ଆଘାତରେ ୫ ମୃତ

**କୋଲକାତା:** ପଶ୍ଚିମବଙ୍ଗର କୁଚବିହାର ଜିଲ୍ଲାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ୍ ଆଘାତ ଲାଗି ୫ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । କୁଚବିହାରର ହିନହାଟାରେ ଶାସ୍ତିଆ ଗାଁରେ ରବିବାର ଅପରାହ୍ଣରେ ଏହି ଦୁର୍ଘଟଣା ଘଟିଥିଲା । ପଥର ଚିପ୍ ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରିରେ ଏହି ଲୋକମାନେ କାମ କରୁଥିଲେ । ୱେଲ୍ଡିଂ ମେସିନରୁ ଲୁହା ରଡ଼ ବାହାର କରିବାକୁ କେହି ଭୁଲି ଯାଇଥିବାରୁ ଶ୍ରମିକମାନଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା ।



ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା । ବିଦ୍ୟୁତ୍ ଆଘାତ ଏତେ ଜୋରଦାର ଥିଲା ଯେ, ମୃତଦେହରୁ ବହୁ ସମୟ ପର୍ଯ୍ୟନ୍ତ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା । ଆହତମାନଙ୍କୁ ଦିନହାଟା ସବ୍‌ଡିଭିଜନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ଘଟଣାର ତଦନ୍ତ କରୁଛି । ପୁଲିସ ସୂଚନା ଅନୁଯାୟୀ, ମୃତକ ମୁକୁଲ ବର୍ମନ, ରାଜୁ ସେନ୍, ମିଥୁନ୍ ପାଲ, ସୁମନ ଓ ସଞ୍ଜୟ ବର୍ମନ ଫ୍ୟାକ୍ଟ୍ରିରେ ମିସ୍ତ୍ରୀ ଭାବେ କାମ କରୁଥିଲେ ।

## ଅପହଞ୍ଚ ଇଲାକାରେ ବଢୁଛି ପାଣି ସମସ୍ୟା

**ଜୟପୁର:** କୋରାପୁଟ ଜିଲ୍ଲା ବୈପାରୀଗୁଡାରେ ପାନୀୟ ଜଳର ସମସ୍ୟା ଦେଖାଯାଉଛି । "ଜଳ ହିଁ ଜୀବନ ଜଳ ବିନା କେହି ବଂଚିପାରିବେ ନାହିଁ" ଏହାକୁ ଗୁରୁତ୍ୱ ଦେଇ ସରକାର ଗାଁ ଗାଁ ରେ ନଳକୂପ ଖନନ କରୁଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଲୋକେ ବିଶୁଦ୍ଧ ପାଣି ପାଇପାରୁନାହାନ୍ତି । ଗ୍ରୀଷ୍ମ ପୂର୍ବରୁ ଜଳ କଷ୍ଟ, ପିଇବାକୁ ମିଳୁନି ମୁନ୍ଦାଏ ପାଣି, ବାଧ ହୋଇ ଚୁଆ ପାଣି ଉପରେ ନିର୍ଭର କରନ୍ତି ଗ୍ରାମବାସୀ । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କଠପୋଡ଼ା ପଂଚାୟରେ ଖଜୁରୀପୁଟ ଠାରେ ଏପରି ସମସ୍ୟା ଦେଖିବାକୁ ମିଳିଛି । ଖଜୁରୀପୁଟ ଅନ୍ୟ ସାହି ଜୋନାଗୁଡ଼ାରେ ମୋଟ୍ ପନ୍ଦର ପରିବାର ବସବାସ କରନ୍ତି । ଲୋକଙ୍କ ପାନୀୟ ଜଳ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଦୁଇ ବର୍ଷ ପୂର୍ବେ ଖଜୁରୀପୁଟ ଠାରେ ଗୋଟିଏ ନଳକୂପ ଖନନ କରାଯାଇଥିଲା । ହେଲେ କିଛି ମାସ ପରେ ସେ ନଳକୂପ ଅଚଳ ଅବସ୍ଥାରେ ପଡିରହିଛି । ଫଳରେ ଗ୍ରାମବାସୀ ବାଧ ହୋଇ ଚୁଆ ପାଣି ବ୍ୟବହାର କରୁଛନ୍ତି । ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ପାଣି ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ମାନଙ୍କ ତରଫରୁ ବିଭୁତି ଖରା, ରୋଇଳା, କ୍ରିଷ୍ଣାନି, ମୋତି ଖରା, ଧନୁର୍ଜ୍ୟୟ ଖରା, ଉମ୍ଭଧର ଖରା ପ୍ରମୁଖ ଦାବୀ କରିଛନ୍ତି ।
ଏନେଇ ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏନେଇ କୌଣସି ଅଭିଯୋଗ ଆସିନାହିଁ ।

ଏୟାର ଇଣ୍ଡିଆର ବଡ ନିଷ୍ପତ୍ତି

# ମଧ୍ୟପ୍ରାଚ୍ୟର ସମସ୍ତ ଫ୍ଲାଇଟ୍ସ ବାତିଲ

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରେ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ, ଅନେକ ଦେଶ ସେମାନଙ୍କର ଆକାଶ ମାର୍ଗ ବନ୍ଦ କରିଦେଇଛନ୍ତି । ଯାହା ବିଶ୍ୱ ବିମାନ ଚଳାଚଳ ଉପରେ ଗୁରୁତର ପ୍ରଭାବ ପକାଇଛି । ଏହି ସମୟରେ, ଏୟାର ଇଣ୍ଡିଆ ଘୋଷଣା କରିଛି ଯେ ୨ ମାର୍ଚ୍ଚ ରାତି ୧୧:୫୯ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବ, ଇସ୍ରାଏଲ ଏବଂ କତାରକୁ ସମସ୍ତ ବିମାନ ଚଳାଚଳ ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିବ । ଏୟାର ଇଣ୍ଡିଆ ଯାତ୍ରୀମାନଙ୍କୁ ବିମାନ କମ୍ପାନୀର ସରକାରୀ ୱେବସାଇଟ୍ କିମ୍ବା କଷ୍ଟମର କେୟାର ମାଧ୍ୟମରେ ବିମାନବନ୍ଦରକୁ ଯିବା ପୂର୍ବରୁ ଏୟାରଲାଇନ୍ ଷ୍ଟାଟସ୍ ଯାଞ୍ଚ କରିବାକୁ ଅନୁରୋଧ କରିଛି । ପରିସ୍ଥିତି ସମୀକ୍ଷା କରିବା ପରେ ହିଁ ଏହି ସେବା ଗୁଡ଼ିକର ପୁନଃଆରମ୍ଭ ବିଷୟରେ ବିଚାର କରାଯିବ ।

ରିପୋର୍ଟ ଅନୁଯାୟୀ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢୁଥିବା ସାମରିକ ସଂଘର୍ଷ ଏବଂ ସମ୍ପ୍ରତି କ୍ଷେପଣାସ୍ତ୍ର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଆକାଶ ମାର୍ଗ ଅସୁରକ୍ଷିତ ହୋଇଯାଇଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅନେକ ଦେଶ ସେମାନଙ୍କର ଆକାଶ ମାର୍ଗ ବନ୍ଦ କରିଦେଇଛନ୍ତି । ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ସୁରକ୍ଷାକୁ ସର୍ବୋପରି ରଖି, ଏୟାର ଇଣ୍ଡିଆ ଏହି ରୁଟ୍ ଗୁଡ଼ିକରେ କାର୍ଯ୍ୟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି । ଏୟାର ଇଣ୍ଡିଆ ଅନୁଯାୟୀ, ଯେଉଁ ପ୍ରମୁଖ ଗନ୍ତବ୍ୟସ୍ଥଳ ଗୁଡ଼ିକ ପାଇଁ ଉଡ଼ାଣ ବାତିଲ କରାଯାଇଛି ସେଗୁଡ଼ିକ ମଧ୍ୟରେ ୟୁଏଇର ଦୁବାଇ ଏବଂ ଆବୁଧାବି, ସାଉଦି ଆରବର ରିୟାଦ, ଜେଦ୍ଦା ଏବଂ ଦମ୍ମାମ, କତାରର ଦୋହା ଏବଂ ଇସ୍ରାଏଲର ତେଲ ଅଭିଭ ଅନ୍ତର୍ଭୁକ୍ତ । ଏହା କେବଳ ଉପସାଗରୀୟ ଦେଶଗୁଡ଼ିକୁ ନୁହେଁ ବରଂ ୟୁରୋପକୁ ଯାଉଥିବା କିଛି ଉଡ଼ାଣକୁ ମଧ ପ୍ରଭାବିତ କରିଛି । ଏୟାରଲାଇନ୍ସ ବିକଳ୍ପ ରୁଟ୍ ବ୍ୟବହାର କରି ଉତ୍ତର ଆମେରିକା ଏବଂ ୟୁରୋପକୁ କିଛି ଉଡ଼ାଣ ଜାରି ରଖିବାକୁ ଚେଷ୍ଟା କରିଛି, କିନ୍ତୁ ଏହା ଯାତ୍ରା ସମୟକୁ ୨ ରୁ ୪ ଘଣ୍ଟା ବୃଦ୍ଧି କରିପାରିବ ।




# ପିକଅପକୁ ଧକ୍କା ଦେଲା ହାଇୱା, ଉଭୟ ଚାଳକ ଆହତ

**କୋରେଇ:** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଥାନାର ଅନତିଦୂର ଟ୍ରମା କେୟାର ସମ୍ମୁଖରେ ପିକଅପ ସହ ହାଇୱା ଦୁର୍ଘଟଣା ହେବାରୁ ଉଭୟ ଚାଳକ ଆହତ ହୋଇଛନ୍ତି ।

ପ୍ରକାଶ ଯେ, ପାଣିକୋଇଲି ଟ୍ରମା କେୟାର ନିକଟରେ ରାଜପଥ ଉପରେ ଏକ ପିକଅପ ବ୍ରେକ ଡାଉନ ହୋଇ ରାସ୍ତା ଉପରେ ଅଟକି ରହିଥିଲା । ଆଜି ମଧ୍ୟାହ୍ନରେ ପାଣିକୋଇଲି ପଟୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ପାଉଁଶ ବୋଝେଇ ହାଇୱା ତାକୁ ଧକ୍କା ଦେଇ ରାସ୍ତା ମଝି ଡିଭାଇଡର ଉପରେ ଚଢି ଯାଇଥିଲା । ଅନ୍ୟପଟେ ଧକ୍କା ଖାଇ ପିକଅପଟି ଓଲଟି ପଡିଥିଲା ।

ଫଳରେ ଉଭୟ ଗାଡି ଦୁର୍ଘଟଣାର ସମ୍ମୁଖିନ ହେବା ସହ ଚାଳକ ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଓ ପୁଲିସ ପହଂଚି ହାଇୱା ଡ୍ରାଇଭରକୁ ଗାଡି ମଧ୍ୟରୁ ଉଦ୍ଧାର କରିଥିଲେ । ଫଳରେ ଯାତାୟତ କିଛି ସମୟ ପାଇଁ ବ୍ୟାହାତ ହୋଇଥିଲା । ପୁଲିସ ଗାଡି ଦୁଇଟିକୁ ଉଠାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ମଣିପୁରରେ କେସିପି ଓ ୟୁଏନଏଲଏଫର ତିନି ଉଗ୍ରବାଦୀ ଗିରଫ

**ଇମ୍ଫାଲ:** ମଣିପୁର ପୋଲିସ୍ ଶନିବାର ଭିନ୍ନ-ଭିନ୍ନ ଅଭିଯାନରେ ନିଷିଦ୍ଧ ଉଗ୍ରବାଦୀ ସଂଗଠନମାନଙ୍କର ତିନିଜଣ କ୍ୟାଡରକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ କେସିପି (ନୌଙ୍ଗଦ୍ରେନଖୋମ୍ବା)ର ଜଣେ ସଦସ୍ୟ ଏବଂ ୟୁଏନଏଲଏଫ୍ (କୋଇରେଙ୍ଗ)ର ଦୁଇଜଣ ସକ୍ରିୟ କ୍ୟାଡର ଅଛନ୍ତି । ମଣିପୁର ପୁଲିସ୍ ମୁଖ୍ୟାଳୟରୁ ଆଜି ଜାରି ହୋଇଥିବା ଆଧିକାରିକ ସୂଚନା ଅନୁସାରେ, ପୁଲିସ୍ ଇମ୍ଫାଲ ପଶ୍ଚିମ ଜିଲ୍ଲାର ସିଙ୍ଗଜାମେଇ ଥାନା ଅଂଚଳ ଅଧୀନ ଖାଗେମପଲ୍ଲୀ ପଂଖା ନଗାନାପୀ ଥୋଙ୍ଗ ମାମାଙ୍ଗ ସ୍ଥିତ ତାଙ୍କ ଘରରୁ କେସିପି (ନୌଙ୍ଗଦ୍ରେନଖୋମ୍ବା)ର କ୍ୟାଡର ଲୈଶ୍ରାମ ମୋନିଶ ସିଂହ ଓରଫ ଟମ୍ (୨୩)ଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଅନ୍ୟ ଗୋଟିଏ ଅଭିଯାନରେ ଇମ୍ଫାଲ ପୂର୍ବ ଜିଲ୍ଲାର ପୋରୋମପତ ଥାନା ଅଂଚଳର୍ ୱାଙ୍ଖେଇ ଆୟାଙ୍ଗପଲ୍ଲୀରୁ ୟୁଏନଏଲଏଫ୍ (କୋଇରେଙ୍ଗ)ର ଦୁଇଜଣ କ୍ୟାଡରକୁ ଧରାଯାଇଛି । ସେମାନଙ୍କ ପରିଚୟ ସ୍ୱଘୋଷିତ ସେକେଣ୍ଡ ଲେଫ୍ଟିନେଂଟ ଅସୀମ ନୋଙ୍ଗପୋକଙ୍ଗନବା ମୈତେଇ ଓରଫ ନାଗୋଇବା (୩୨) ଏବଂ ଥାଙ୍ଗଜାମ ଗାନ୍ଧୀ ମୈତେଇ ଓରଫ ଯାଇମା (୨୭) ଭାବେ ହୋଇଛି ।

# କାଶ୍ମୀରରେ ସ୍କୁଲ-କଲେଜ ବନ୍ଦ



**ଜାମ୍ମୁକାଶ୍ମୀର:** ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ବିରୋଧରେ ଜମ୍ମୁ ଏବଂ କାଶ୍ମୀରରେ ବଡ଼ ଧରଣର ପ୍ରତିବାଦ ହୋଇଛି । ଯାହା ଉପତ୍ୟକାର ଶାନ୍ତିକୁ ପ୍ରଭାବିତ କରିଛି । ରବିବାର ଦିନ, ଶହ ଶହ ଲୋକ ଶ୍ରୀନଗରର ଲାଲଚୌକରେ ଥିବା ଘଣ୍ଟା ଟାୱାର ନିକଟରେ ଏକତ୍ରିତ ହୋଇଥିଲେ । ଯେଉଁଠାରେ ସେମାନେ ଖାମନେଇଙ୍କ ଫଟୋ ଧରି ଆମେରିକା ଏବଂ ଇସ୍ରାଏଲ ବିରୋଧରେ ସ୍ଲୋଗାନ ଦେଇ ଶୋକ ପ୍ରକାଶ କରିଥିଲେ । ପୁଲୱାମା, ବଡଗାମ ଭଳି ଜିଲ୍ଲାରେ ମଧ ସମାନ ପ୍ରତିବାଦ ଦେଖିବାକୁ ମିଳିଥିଲା ।

ଲୋକମାନେ ଇରାନୀ ନେତାଙ୍କ ମୃତ୍ୟୁକୁ ଏକ ବଡ଼ ଷଡ଼ଯନ୍ତ୍ର ବୋଲି କହି ପ୍ରତିବାଦ କରିଥିଲେ । ଏହି ଘଟଣାକୁ ଦୃଷ୍ଟିରେ ରଖି ପ୍ରଶାସନ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଆଗାମୀ ଦୁଇ ଦିନ ପାଇଁ କାଶ୍ମୀରର ସମସ୍ତ ସ୍କୁଲ ଏବଂ କଲେଜ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି । ସେପଟେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଲୋକମାନଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କ ବାର୍ତ୍ତାରେ ସେ ଲେଖିଛନ୍ତି ଯେ ସମସ୍ତ ସମ୍ପ୍ରଦାୟ ଶାନ୍ତ ରହିବା ଉଚିତ । ଏବଂ ଏପରି କୌଣସି କାର୍ଯ୍ୟ କରିବା ଉଚିତ୍ ନୁହେଁ, ଯାହା ଅଶାନ୍ତି ସୃଷ୍ଟି କରିପାରେ ।

**ଖାମନେଇଙ୍କ ମୃତ୍ୟୁ ନେଇ ବଡ଼ ପ୍ରତିବାଦ**

# ବିଷାକ୍ତ ଗ୍ୟାସ ନେଲା ଗୋଟିଏ ପରିବାରର ୪ ଜଣଙ୍କ ଜୀବନ

**ନୂଆଦିଲ୍ଲୀ:** ବିହାରର ହାଜିପୁରରୁ ଏକ ବଡ଼ ଖବର ଏବେ ସାମ୍ନାକୁ ଆସୁଛି । ଏଠାରେ ବିଷାକ୍ତ ଗ୍ୟାସ୍ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ହୋଇଛି । ଏଥି ସହିତ

**୩ ଜଣ ଗୁରୁତର**

ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ଅଛି । ୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ଚିକିତ୍ସା କରାଯାଉଛି । କୁହାଯାଉଛି ଯେ, ସମସ୍ତ ୪ ଜଣ ଗୋଟିଏ ପରିବାରର ଥିଲେ । ସୂଚନାମୁତାବକ, ଜଣେ ବ୍ୟକ୍ତି ଶୌଚାଳୟ ଟାଙ୍କିରେ ପଡ଼ିଯାଇଥିଲେ । ଏହି ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ



ଜଣ ଜଣ କରି ଭିତରକୁ ଯାଇଥିଲେ, କିନ୍ତୁ ସେମାନେ ମଧ ଟ୍ୟାଙ୍କରେ ଅଚେତ ହୋଇ ପଡ଼ିଥିଲେ । ମୃତକ ମାନେ ବାପା ଏବଂ ପୁଅ ସମେତ ଗୋଟିଏ ପରିବାରର ଚାରି ଜଣ । ଘଟଣାଟି ସରାଇ ଥାନା ଅଞ୍ଚଳ ଅନ୍ତର୍ଗତ ଅନୱରପୁର ଗାଁରେ ଘଟିଛି । କୁହାଯାଉଛି ଯେ ପରସ୍ପରକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ସମୟରେ, ସମସ୍ତେ ଶୌଚାଳୟ ଟାଙ୍କିର ସୋକ୍ ପିଟ୍ ରେ ପଡ଼ି ଯାଇଥିଲେ, ଯେଉଁଠାରେ ବିଷାକ୍ତ ଗ୍ୟାସ୍ ଯୋଗୁଁ ଶ୍ୱାସରୁଦ୍ଧ ହୋଇ ସେମାନଙ୍କର ମୃତ୍ୟୁ ହୋଇଥିଲା । ଏହା ସହିତ, ତିନି ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଦେଶ ଛାଡୁଛନ୍ତି ଧନୀ

# ୨୦୨୫ରେ ଭାରତ ଛାଡ଼ିଲେ ୩,୫୦୦ ଧନକୁବେର

**ନୂଆଦିଲ୍ଲୀ:** ଗତବର୍ଷ ହଜାର ହଜାର ସଂଖ୍ୟାରେ ଧନୀ ନିଜ ନିଜ ଦେଶ ଛାଡ଼ି ଦେଇଛନ୍ତି । ନ୍ୟୁ ୱାର୍ଲଡ ୱେଲ୍‌ଥର ଏକ ରିପୋର୍ଟ ମୁତାବକ, ଗତବର୍ଷ ଭାରତରୁ ୩,୫୦୦ ଧନକୁବେର ଅନ୍ୟ ଦେଶକୁ ପଳାଇଛନ୍ତି । ଅନୁମାନ ମୁତାବକ, ଗତବର୍ଷ ସମଗ୍ର ବିଶ୍ୱରେ ୧,୪୨,୦୦୦ ଧନୀ ନିଜ ଦେଶ ପରିତ୍ୟାଗ କରିଛନ୍ତି । ଧନୀଙ୍କ ଦେଶ ପରିତ୍ୟାଗରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛି ବ୍ରିଟେନ । ଗତବର୍ଷ ବ୍ରିଟେନ୍‌ରେ ମୋଟ ୧୬,୫୦୦ ଧନୀ ଦେଶ ଛାଡ଼ି ଦେଇଛନ୍ତି । ଏହାପୂର୍ବରୁ ୨୦୨୪ରେ ବି ୧୦,୮୦୦ ଧନୀ ବ୍ରିଟେନ୍‌କୁ ଅଲ୍‌ବିଦା କହିଥିଲେ ।

ବ୍ରିଟେନ ଅର୍ଥନୀତି ପାଖାପାଖି ଏକ ଦଶନ୍ଧିରୁ ଖରାପ ପ୍ରଦର୍ଶନ କରୁଛି । ଏ ଅବସରରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ସୁଧାର ପଦକ୍ଷେପ ଅନ୍ତର୍ଗତ ଧନୀମାନଙ୍କ ଉପରେ ଟିକସ ବୋଝ ବଢ଼ିଯାଇଛି । ଏହି କାରଣରୁ ୟୁଏଇ, ମୋନାକୋ ଏବଂ ମାଲ୍‌ଟା ଭଳି ଦେଶଗୁଡ଼ିକୁ ସ୍ଥାନାନ୍ତର ହେବାକୁ ପସନ୍ଦ କରୁଛନ୍ତି ଧନୀ ।

ନ୍ୟୁ ୱାର୍ଲଡ ୱେଲ୍‌ଥ ଅନୁସାରେ, ବ୍ରିଟେନ ପରେ ଚୀନ୍‌ରୁ ସବୁଠୁ ଅଧିକ ଧନୀ ଦେଶ ଛାଡ଼ିଛନ୍ତି । ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥବ୍ୟବସ୍ଥାରୁ ଗତବର୍ଷ ୭,୮୦୦ ଧନୀ ଅନ୍ୟ ଦେଶକୁ ଚାଲିଯାଇଛନ୍ତି । ଭାରତ ତାଲିକାରେ ତୃତୀୟ ସ୍ଥାନରେ ରହିଛି । ସେହିଭଳି ଦକ୍ଷିଣ କୋରିଆରୁ ୨୪୦୦, ରୁଷରୁ ୧୫୦୦, ବ୍ରାଜିଲରୁ ୧୨୦୦, ଫ୍ରାନ୍ସରୁ ୮୦୦, ସ୍ପେନ୍‌ରୁ ୫୦୦, ଜର୍ମାନୀରୁ ୪୦୦ ଏବଂ ଇସ୍ରାଏଲରୁ ୩୫୦ ଧନୀ ଅନ୍ୟ ଦେଶକୁ ସ୍ଥାନାନ୍ତର ହୋଇଛନ୍ତି । ଏହି ସମୟରେ ସବୁଠାରୁ ଫାଇଦାରେ ରହିଛି ୟୁଏଇ । ଏଠାରେ ରହିଛି 'ଶୂନ' ଟିକସ, ଯେଉଁଥିପାଇଁ ଏହାକୁ ନିଜର ନୂଆ ଠିକଣା ବନାଇଛନ୍ତି ଧନୀ । ଗତବର୍ଷ ସମଗ୍ର ବିଶ୍ୱରୁ ୯୮୦୦ ଧନୀ ୟୁଏଇରେ ଅବସ୍ଥାପିତ ହୋଇଛନ୍ତି ।

ଦ୍ୱିତୀୟ ସ୍ଥାନରେ ଅଛି ଆମେରିକା, ଯାହାକୁ ଠିକଣା କରିଛନ୍ତି ବିଶ୍ୱର ୭,୫୦୦ ଧନୀ । ଇଟାଲିରେ ୩୬୦୦, ସୁଇଜରଲାଣ୍ଡରେ ୩୦୦୦, ସାଉଦି ଆରବରେ ୨୪୦୦, ସିଙ୍ଗାପୁରରେ ୧୬୦୦, ପର୍ତ୍ତୁଗାଲରେ ୧୪୦୦, ଗ୍ରୀସ୍‌ରେ ୧୨୦୦, କାନାଡାରେ ୧୦୦୦ ଏବଂ ଅଷ୍ଟ୍ରେଲିଆକୁ ୧୦୦୦ ଧନୀ ବିଶ୍ୱର ବିଭିନ୍ନ କୋଣରୁ ଆସି ଅବସ୍ଥାପିତ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି ।

**ଧନୀଙ୍କ ଦେଶ ପରିତ୍ୟାଗରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛି ବ୍ରିଟେନ ।**



## ଭାରତୀୟ ସେୟାର ବଜାରରେ ଯୁଦ୍ଧର ପ୍ରଭାବ

**ମୁମ୍ବାଇ:** ଭାରତୀୟ ସେୟାର ବଜାରରେ ଯୁଦ୍ଧର ପ୍ରଭାବ । ୨୭ ଶହ ୪୩ ପଏଣ୍ଟ ଖସିଲା ସେନ୍‌ସେକ୍ସ । ୫୧୯ ପଏଣ୍ଟରୁ ତଳକୁ ଖସିଲା ନିଫ୍ଟି । ମଧ୍ୟପ୍ରାଚ୍ୟରେ ଇରାନ ଓ ଇସ୍ରାଏଲ-ଆମେରିକା ଯୁଦ୍ଧ ଯୋଗୁ ଉତ୍ତେଜନା ଏବଂ ବିଶ୍ୱବ୍ୟାପୀ ବଜାରର ଅସ୍ଥିରତା ଯୋଗୁ ଭାରତୀୟ ସେୟାର ମାର୍କେଟ ତଳକୁ ଖସିଛି । କ୍ରୁଡ୍ ତୈଳ ମୂଲ୍ୟ ଏବଂ ବାଣିଜ୍ୟ ପ୍ରବାହ ଉପରେ ଦୃଷ୍ଟି ରହିଛି । ନିଫ୍ଟି ୫୧୯ ପଏଣ୍ଟ ଖସି ୨୪ ହଜାର ୬୫୯ରେ ପହଞ୍ଚିଛି ।




ବିଏସ୍‌ଇ ସେନ୍‌ସେକ୍ସ ୨୭ ଶହ ୪୩ ପଏଣ୍ଟ ଖସି ୭୮ ହଜାର ୫୪୩ରେ ପହଞ୍ଚିଛି । ସେୟାର ବଜରରେ ଏଭଳି ହ୍ରାସ ଯୋଗୁ ନିବେଶକଙ୍କ ସମ୍ପତ୍ତିରୁ ପ୍ରାୟ ୭.୮ ଲକ୍ଷ କୋଟି ଟଙ୍କା ପାଣିରେ ପଡିଛି । ୩,୭୬୫ଟି ସକ୍ରିୟ ଟ୍ରେଡ୍ ଷ୍ଟକ୍ ମଧ୍ୟରୁ ୩,୦୧୪ଟି ଖସିଥିବା ବେଳେ ମାତ୍ର ୫୯୬ଟି ବଢ଼ିଛି ଏବଂ ୧୫୫ଟି ଅପରିବର୍ତ୍ତିତ ରହିଛି । କ୍ରୁଡ୍ ତୈଳ ଜଡିତ ତୈଳ ବିପଣନ କମ୍ପାନୀ, ରଙ୍ଗ, ଟାୟାର, ବିମାନ ପରିବହନ ଏବଂ ରସାୟନ କ୍ଷେତ୍ର ଉପରେ ଚାପ ରହିଥିବା ବିଶେଷଜ୍ଞମାନେ କହିଛନ୍ତି । ବଢ଼ିଥିବା ଇନପୁଟ୍ ଖର୍ଚ୍ଚ ମାର୍ଜିନ୍‌କୁ ବିପଦରେ ପକାଇବାର ଆଶଙ୍କା ରହିଛି । ଅଶୋଧିତ ତୈଳ ଦର ୧୩ ପ୍ରତିଶତ ହ୍ରାସ ପାଇଛି । ଭାରତୀୟ ବଜାର ସୋମବାର ଏକ ଭୟଙ୍କର ଅବସ୍ଥାରେ ପଡ଼ିଯାଇଛି । ଈଝରର ବଜାର ମୂଲ୍ୟାଙ୍କନ ପୂର୍ବ ସେସନର ୪୬୩.୫୦ ଲକ୍ଷ କୋଟିରୁ ଖସି ୪୫୫.୭୦ ଲକ୍ଷ କୋଟିକୁ ପହଞ୍ଚିଥିଲା ।

## ରାଶିଫଳ

**ମେଷ :** ଘାତଚନ୍ଦ୍ର, ଘାତତିଥି ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ସ୍ୱଜନ, ପରିଜନ ସହ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନରେ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶତ୍ରୁବୃଦ୍ଧି ଘଟିବ ।

**ବୃଷ:** ଦ୍ୱାଦଶ ଚନ୍ଦ୍ର, ଘାତବାର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ । ନିଶ୍ଚିତତାକୁ ପରିତ୍ୟାଗ କରି ଅନିଶ୍ଚିତତା ପଛରେ ପଶ୍ଚାତ୍‌ଧାବନ କରିବେ ।

**ମିଥୁନ:** ଏକାଦଶ ଚନ୍ଦ୍ର, ଶନିବାର ଓ ଶୁକ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଧନ, ସମ୍ପଦ, ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ ।

**କର୍କଟ:** କର୍ମରେ ଉନ୍ନତି ଏବଂ ନୂତନ କର୍ମାରମ୍ଭର ଯୋଜନା କରିବେ । ମନରେ ସତ୍ ?ଚିନ୍ତା, ସତ୍‌ଭାବନା ପ୍ରକାଶ ପାଇବ ଏବଂ ସତ୍‌କର୍ମରେ ଅଧିକ ଆଗ୍ରହ ରହିବ । କର୍ମରେ ଆଶାଠାରୁ ଅଧିକ ସଫଳତା ଏବଂ କର୍ମ କରିବାର ଶୈଳୀରେ ଉନ୍ନତି ଦେଖାଦେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଯାହା ହେଲେ ମଧ ମନରେ ଆତ୍ମସନ୍ତୋଷ ଓ ଆତ୍ମତୃପ୍ତି ରହିବ ।

**ସିଂହ:** ଘାତବାର ଓ ନବମ ଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳଲେ ମଧ ମନ ବିଷାଦଗ୍ରସ୍ତ ରହିବ ଏବଂ ଚାପଗ୍ରସ୍ତ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ଏବଂ କର୍ମରେ ସଫଳତା ଓ ପଦସ୍ଥ ଅଧିକାରୀଙ୍କ କୃପାଲାଭ କରିବେ ।

**କନ୍ୟା:** ଘାତବାର ଓ ଅଷ୍ଟମ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶାରୀରିକ ପୀଡ଼ା ଭୋଗିବେ । ଉଚିତ୍ କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଅଧିକ ଆଗ୍ରହ ରହିବ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ ।

**ତୁଳା:** ଶନିବାର, ଷଷ୍ଠୀ ତିଥି ଓ ଶୁକ୍ରଙ୍କ ନକ୍ଷତ୍ର ଯୋଗୁ ସ୍ତ୍ରୀସୌଖ୍ୟ, ସ୍ତ୍ରୀହେତୁକ ଧନପ୍ରାପ୍ତି ଏବଂ ଦାମ୍ପତ୍ୟ ଜୀବନ ମଧୁର ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ସମ୍ମାନ ମିଳିବ ।

**ବିଛା :** ଷଷ୍ଠ ଚନ୍ଦ୍ର, ଷଷ୍ଠୀ ତିଥି ଯୋଗୁ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ ହେବେ ଏବଂ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ । ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ସମସ୍ତଙ୍କ ସହ ବନ୍ଧୁତା ଏବଂ ସମସ୍ତ କର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ଧନୁ :** ପଞ୍ଚମ ଚନ୍ଦ୍ର ଓ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ ମନ ବିଷାଦଗ୍ରସ୍ତ ରହିବ । ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଓ ଦୂରଦୃଷ୍ଟିର ବିକାଶ ଘଟିବ ଏବଂ ସମସ୍ତ କର୍ମରେ ସଫଳତା ଶୀର୍ଷରେ ରହିବ ।

**ମକର :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଗୁରୁଜନଙ୍କ ସହ ବିବାଦ, ପରିବାରରେ ମତାନ୍ତର, ଯାନବାହନରେ ଖର୍ଚ୍ଚାନ୍ତରେ ପଡ଼ିବେ ।

**କୁମ୍ଭ :** ଷଷ୍ଠୀ ତିଥି, ଶନିବାର ଏବଂ ଶୁକ୍ରଙ୍କ ନକ୍ଷତ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ମୀନ :** ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନ, ସମ୍ପଦ ବୃଦ୍ଧି ପାଇବ । ଅନ୍ୟକୁ ଦେଇଥିବା ଧନ ଫେରି ପାଇବେ ଏବଂ ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ଆୟ ଯେତେ ଅଧିକ ହେଲେ ମଧ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ ।

ମାତୃଭାଷା

# ଖେଳ ଖବର



## ପେଲେଙ୍କ ରେକର୍ଡ ସହ ସମକକ୍ଷ ହେଲେ ମେସି



**ଦେଶ ପାଇଁ ଗୋଲ୍ କରିଥିବା ଖେଳାଳି**

| |
|---|
| ମାର୍ସେଲିନୋ କାରିଓକା, ବ୍ରାଜିଲ୍- ୭୮ |
| ରବର୍ଟୋ ଡିନାମିଟା, ବ୍ରାଜିଲ୍-୭୫ |
| ଜୁନିନୋ ବ୍ରାଜିଲ୍-୭୨ |
| ଲିଓନେଲ୍ ମେସି, ଆର୍ଜେଣ୍ଟିନା-୭୦ |
| ପେଲେ, ବ୍ରାଜିଲ୍- ୭୦ |

**ନୂଆଦିଲ୍ଲୀ, ୨ ।୩:** ଆର୍ଜେଣ୍ଟିନାର ଫୁଟ୍‌ବଲ୍ ତାରକା ଲିଓନେଲ ମେସି ନୂଆ ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି । ସେ ଫ୍ରି-କିକ୍ ଗୋଲ୍‌ରେ ବ୍ରାଜିଲ କିଂବଦନ୍ତି ପେଲେଙ୍କ ସମକକ୍ଷ ହୋଇଛନ୍ତି । ମିଆମି ପକ୍ଷରୁ ଖେଳୁଥିବା ମେସି ମେଜର ଲିଗ୍ ସକ୍କର ପ୍ରତିଯୋଗିତାରେ ଓରଲାଣ୍ଡୋ ସିଟି ବିପକ୍ଷ ମ୍ୟାଚ୍‌ରେ ଏହି ରେକର୍ଡର ଅଧିକାରୀ ହୋଇଥିଲେ । ଦ୍ୱିତୀୟାର୍ଦ୍ଧ ଷ୍ଟପେଜ୍ ଟାଇମ୍‌ରେ ଦଳକୁ ମିଳିଥିବା ଫ୍ରି-କିକ୍‌କୁ ମେସି, ଓର୍‌ଲାଣ୍ଡୋ ସିଟି ଗୋଲ୍ ପୋଷ୍ଟକୁ ପଠାଇ ୭୦ତମ ଫ୍ରି-କକ୍ ଗୋଲ୍ କରିବାର ସଫଳତା ପାଇଥିଲେ । ଏଥିସହ ଫ୍ରି-କିକ୍ ଗୋଲ୍ କରିବାରେ ପେଲେଙ୍କ ସହ ସମକକ୍ଷ ହୋଇଥିଲା ବେଳେ ପୁରୁଷ ଫୁଟ୍‌ବଲ୍‌ରେ ବିଶ୍ୱର ଚତୁର୍ଥ ଖେଳାଳି ହୋଇଥିଲେ । ସେ ଏହି ମ୍ୟାଚ୍‌ରେ ୪ ଗୋଲ୍ ଲଦିବାରୁ ମିଆମି ୪-୨ରେ ଓର୍ ଫୁଟ୍‌ବଲ୍‌ରେ ସର୍ବାଧିକ ଫ୍ରି-କିକ୍ ଗୋଲ୍ କରିବାରେ ଶ୍ରେଷ୍ଠ ୫ ମଧ୍ୟରେ ବ୍ରାଜିଲ ଖେଳାଳି ଥିଲା ବେଳେ ଏବେ ଏଥିରେ ଆର୍ଜେଣ୍ଟିନାର ମେସି ଯୋଡ଼ି ହୋଇଛନ୍ତି ।

### ଆଇସିସି ଟି-୨୦ ବିଶ୍ୱକପ୍

## ଇଂଲଣ୍ଡ ବିପକ୍ଷରେ ଖେଳିବ ଭାରତ

**୫ ତାରିଖରେ ମୁମ୍ବାଇରେ ହେବ ମୁକାବିଲା**

**ପ୍ରଥମ ସେମିଫାଇନାଲ୍ ନ୍ୟୁଜିଲାଣ୍ଡ-ଆଫ୍ରିକା ମଧ୍ୟରେ ଖେଳାଯିବ**




**ନୂଆଦିଲ୍ଲୀ, ୨ ।୩:** ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ଟି-୨୦ ବିଶ୍ୱକପ ୨୦୨୬ । ସୁପର-୮ ମୁକାବିଲା ଶେଷ ହୋଇଥିବାବେଳେ ସେମିଫାଇନାଲ ଟକ୍କର ହେବ । ୪ ଶ୍ରେଷ୍ଠ ଦଳ ନିଜର ସ୍ଥାନ ପକ୍କା କରିଥିବାବେଳେ କିଏ ଫାଇନାଲରେ ସ୍ଥାନ ପକ୍କା କରିବ ଏହାକୁ ନେଇ ଆରମ୍ଭ ହୋଇଗଲାଣି କଳ୍ପନାଜଳ୍ପନା । ଏହି ନକଆଉଟ୍ ପର୍ଯ୍ୟାୟରେ ଦକ୍ଷିଣଆଫ୍ରିକା ନ୍ୟୁଜିଲାଣ୍ଡ ଏବଂ ଭାରତ- ଇଂଲଣ୍ଡ ମଧ୍ୟରେ ଖେଳାଯିବ । ଯେଉଁ ଦଳ ହାରିବ ସିଧା ଘରକୁ ଫେରିବ ।

ଉଭୟ ସେମିଫାଇନାଲ ପାଇଁ ଆଇସିସି ପକ୍ଷରୁ ଏକ ରିଜର୍ଭ ଡେ’ ରହିଛି । ପାଗକୁ ଦୃଷ୍ଟିରେ ରଖି ଏହାକୁ ନିର୍ଣ୍ଣୟ ହେବ । ପ୍ରଥମେ ସ୍ଥିର ହୋଇଥିବା ଦିନ ମ୍ୟାଚ ଖେଳାଯିବାକୁ ଚେଷ୍ଟା କରାଯିବ । ଯଦି ସେହିଦିନ ଅଧା ଖେଳ ହୁଏ ଆଉ ବର୍ଷା ହୁଏ ତାହେଲେ ତାପର ଦିନ ରିଜର୍ଭ ଡେ’ରେ ଅଧାରୁ ମ୍ୟାଚ ଆରମ୍ଭ ହେବ । ଯଦି ସେହିଦିନ ମ୍ୟାଚ ଜମା ବଲ ପଡ଼ି ନପାରେ ତାହେଲେ ପରଦିନ ମ୍ୟାଚ ଖେଳାଯିବ । ଉଭୟ ସେମିଫାଇନାଲର ସମୟ ସନ୍ଧ୍ୟା ୭ଟା ରହିଛି । ମାତ୍ର ରିଜର୍ଭ ଡେର ସମୟ ଦିନ ୩ଟା ରହିଛି ।

ସେମିଫାଇନାଲ ଦିନ ବର୍ଷା ହେଲେ ୯୦ ମିନିଟର ସମୟ ବିଳମ୍ବ ରଖାଯାଇଥିବାବେଳେ ରିଜର୍ଭ ଡେ’ରେ ୧୨୦ ମିନିଟ୍ ରହିଛି । ଏହାସହ ଯଦି ବର୍ଷା ହୁଏ ଏବଂ ସମୟ ରହେ ବିଳମ୍ବ କାରଣରୁ ଓଭର କମାଯିବ । ୧୦ ଓଭରର ଖେଳ ମଧ୍ୟ ହୋଇପାରେ । କିନ୍ତୁ ଭାରତରେ ସମସ୍ତ ସେମିଫାଇନାଲ ଖେଳାଯିବାକୁ ଥିବାବେଳେ ଦେଶର ପାଣିପାଗ ବିଭାଗ ପକ୍ଷରୁ ବର୍ଷା ହେବାର କୌଣସି ସମ୍ଭାବନା ନାହିଁ । ଏଣୁ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଖେଳାଯିବ ବୋଲି ଆଶା ରଖାଯାଇଛି ।

## ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟିକେଟ ବିକ୍ରି ଆରମ୍ଭ

*ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ ଭାଗ ନେଉଛନ୍ତି । ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ଦଳ ବେଲ୍‌ଜିୟମ ଓ ନେଦରଲାଣ୍ଡ୍‌ସରେ ଅଗଷ୍ଟ ମାସରେ ହେବାକୁଥିବା ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ ।*




**ହାଇଦ୍ରାବାଦ, ୨ ।୩:** ହାଇଦ୍ରାବାଦର ଗୋଚିବୋଲି ହକି କମ୍ପ୍ଲେକ୍ସଠାରେ ଚଳିତ ମାସ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଲାଗି ଟିକେଟ ବିକ୍ରି ସୋମବାରଠୁ ଆରମ୍ଭ ହୋଇଛି । ଟିକେଟ ଦର ୨୫ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଇଷ୍ଟ ଷ୍ଟାଣ୍ଡ ଟିକେଟ୍ ଦର ସର୍ବାଧିକ ୧୦୦ ଟଙ୍କା ଥିଲା ବେଳେ ନର୍ଥ ଷ୍ଟାଣ୍ଡର ୫୦ ଓ ସାଉଥ୍ ଷ୍ଟାଣ୍ଡର ଦଳ ୨୫ ଟଙ୍କା ରହିଛି । ଯେପରି ଅଧିକରୁ ଅଧିକ ଦର୍ଶକ ପଡ଼ିଆକୁ ଆସିପାରିବେ ତାହାକୁ ନଜରରେ ରଖି ହକି ଇଣ୍ଡିଆ ଟିକେଟ ଦର ଏଭଳି କମ୍ ରଖିଛି । ଟିକେଟ ଜିନି ୱେବ୍‌ପୋର୍ଟାଲ୍ ‘https://ticketgenie.in/ticket/FIH-Hockey-World-Cup-2026-Qualifiers’ରେ ଟିକେଟ୍ ମିଳିବ ।

ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ ଭାଗ ନେଉଛନ୍ତି । ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ଦଳ ବେଲ୍‌ଜିୟମ ଓ ନେଦରଲାଣ୍ଡ୍‌ସରେ ଅଗଷ୍ଟ ମାସରେ ହେବାକୁଥିବା ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ । ପୁଲ୍-ଏରେ ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ଥିଲା ବେଳେ ପୁଲ୍-ବି’ରେ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ଅଛନ୍ତି । ଭାରତୀୟ ମହିଳା ଦଳ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ଏହାପରେ ୯ରେ ସ୍କଟଲାଣ୍ଡ ଓ ୧୧ରେ ୱେଲ୍ସକୁ ଭେଟି ପୁଲ୍ ପର୍ଯ୍ୟାୟ ଶେଷ କରିବ । ପ୍ରତି ପୁଲ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ୍‌ରେ ପହଞ୍ଚିବେ । ସେମିଫାଇନାଲ୍ ମାର୍ଚ୍ଚ ୧୩ରେ ଏବଂ ଫାଇନାଲ୍ ଓ ତୃତୀୟ ସ୍ଥାନ ମ୍ୟାଚ୍ ୧୪ ତାରିଖରେ ଖେଳାଯିବ ।

## ବିସିସିଆଇ ଉତ୍କର୍ଷ କେନ୍ଦ୍ରରେ ତାଲିମ ଦେବେ ଜାହିର, ଭଜି

*ଏହି ଅନୁରୋଧ ପରେ ବାମହାତୀ ପେସ୍ ବୋଲର ଜାହିର ଖାନ୍ ଏବଂ ଅଫସ୍ପିନର୍ ହରଭଜନ ସିଂହ ଦୁଇଟି ୫ ଦିନିଆ ଶିବିରରେ ନିଜ ଅଭିଜ୍ଞତା ଓ ବୋଲିଂ କୌଶଳ ବାଣ୍ଟିବେ ।*



**ବେଙ୍ଗାଲୁରୁ, ୨ ।୩:** ବେଙ୍ଗାଲୁରୁସ୍ଥିତ ବିସିସିଆଇ ଉତ୍କର୍ଷ କେନ୍ଦ୍ର (ସିଓଇ)ରେ ଯୁବ କ୍ରିକେଟର୍‌ମାନଙ୍କୁ ତାଲିମ ପ୍ରଦାନ କରିବେ ଭାରତୀୟ କ୍ରିକେଟ୍‌ର ଦୁଇ ପୂର୍ବତନ ମହାନ ଖେଳାଳି ଜାହିର ଖାନ୍ ଓ ହରଭଜନ ସିଂହ । ସ୍ୱତନ୍ତ୍ର ଶିବିର ମାଧ୍ୟମରେ ବିଭିନ୍ନ ବୟସ ବର୍ଗରେ ଭଲ କରି ମନୋନୀତ ହୋଇଥିବା ଖେଳାଳିମାନଙ୍କୁ ଏହି ତାଲିମ ପ୍ରଦାନ କରାଯିବ । ପ୍ରତିଭା ଅନ୍ୱେଷଣ ଜରିଆରେ ମନୋନୀତ ଏହି ‘ଟାର୍ଗେଟ୍ ଗ୍ରୁପ୍’ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେବାକୁ ବିସିସିଆଇକୁ ସିଓଇର ମୁଖ୍ୟ ପ୍ରଶିକ୍ଷକ ଭିଭିଏସ୍ ଲକ୍ଷ୍ମଣ ପ୍ରସ୍ତାବ ଦେଇଥିଲେ । ଏହି ଅନୁରୋଧ ପରେ ବାମହାତୀ ପେସ୍ ବୋଲର ଜାହିର ଖାନ୍ ଏବଂ ଅଫସ୍ପିନର୍ ହରଭଜନ ସିଂହ ଦୁଇଟି ୫ ଦିନିଆ ଶିବିରରେ ନିଜ ଅଭିଜ୍ଞତା ଓ ବୋଲିଂ କୌଶଳ ବାଣ୍ଟିବେ । ଭାରତୀୟ ଦଳ ଦ୍ୱାରରେ ପହଞ୍ଚିଥିବା କିଛି ଖେଳାଳି ମଧ୍ୟ ଏହି ଶିବିରରେ ସାମିଲ ହେବେ । କଟଟି ସ୍ପିନର୍‌ଙ୍କ ପାଇଁ ଆୟୋଜିତ ଅନ୍ୟଏକ ଶିବିରରେ ତାଲିମ ଦେବାକୁ ମଧ୍ୟ ପୂର୍ବତନ ଲେଗ୍‌ସ୍ପିନର୍ ଅନିଲ କୁମ୍ବଲେଙ୍କୁ ଅନୁରୋଧ କରାଯାଇଛି । ଶତାଧିକ ଟେଷ୍ଟ ମ୍ୟାଚ୍ ଖେଳିଥିବା ଖେଳାଳିମାନେ ସେମାନଙ୍କ ପରବର୍ତ୍ତୀ ପିଢ଼ି ପାଇଁ ସମୟ ଦେବାକୁ ଆଗେଇ ଆସୁଥିବାରୁ ଏହା ଏକ ଭଲ ତଥା ସ୍ୱାଗତଯୋଗ୍ୟ ପ୍ରୟାସ ବୋଲି ଜଣେ ବିସିସିଆଇ କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

## ଜୁନ୍‌ରେ ଭାରତ ଗସ୍ତରେ ଆସିବ ଆଫଗାନିସ୍ତାନ

**ମୁମ୍ବାଇ, ୨ ।୩:** ପୁଣି ଟେଷ୍ଟ ମ୍ୟାଚ୍ ଖେଳିବ ଆଫଗାନିସ୍ତାନ । ୮ ବର୍ଷ ପରେ ପୁଣି ଟେଷ୍ଟ ମ୍ୟାଚ୍ ଖେଳିବ ଆଫଗାନିସ୍ତାନ ଟିମ୍ । ୨୦୧୮ରେ ପ୍ରଥମ ଥର ପାଇଁ ଟେଷ୍ଟ ମ୍ୟାଚ୍ ଖେଳିଥିଲା ଆଫଗାନିସ୍ତାନ । ଏବେ ପୁଣି ୨୦୨୬ରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛି ଆଫଗାନିସ୍ତାନ ଟିମ୍ । ଏନେଇ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି ।

ବିସିସିଆଇ ଅନୁଯାୟୀ, ଆସନ୍ତା ଜୁନ୍ ମାସରେ ଆଫଗାନିସ୍ତାନ ଟିମ୍ ଭାରତ ଗସ୍ତରେ ଆସିବ । ଏହି ଅବସରରେ ସେ ଗୋଟିଏ ଟେଷ୍ଟ ଏବଂ ୩ଟି ଦିନିକିଆ ମ୍ୟାଚ୍ ଖେଳିବ । ଜୁନ୍ ୬ତାରିଖରେ ପ୍ରଥମ ଟେଷ୍ଟ ଖେଳାଯିବ । ଯାହା ୧୦ ତାରିଖ ଯାଏଁ ଚାଲିବ । ସେହିପରି ଖେଳାଯିବାକୁ ଥିବା ତିନୋଟି ଦିନିକିଆ ମ୍ୟାଚ୍ ମଧ୍ୟରୁ ପ୍ରଥମ ୧୪ ଜୁନ୍, ୨ୟ ମ୍ୟାଚ୍ ୧୭ ଜୁନ୍, ତୃତୀୟ ମ୍ୟାଚ୍ ଜୁନ୍ ୨୦ରେ ଚେନ୍ନାଇରେ ଖେଳାଯିବ

**ଗୋଟିଏ ଟେଷ୍ଟ ଓ ୩ ଦିନିକିଆ ଖେଳିବ**




ତେବେ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜରେ ରୋହିତ ଶର୍ମା ଏବଂ ବିରାଟ କୋହଲି ଖେଳିବା ଏକପ୍ରକାର ସ୍ପଷ୍ଟ । କାହିଁକି ନା ବିସିସିଆଇ ପୋଷ୍ଟ କରିଥିବା କାର୍ଯ୍ୟ ସୂଚୀରେ ବିରାଟ କୋହଲି, ରୋହିତ ଶର୍ମା ଏବଂ ଶୁଭମନ ଗିଲଙ୍କ ଫଟୋ ରହିଛି । ତେଣୁ ରୋ-କୋଙ୍କ ଫ୍ୟାନ୍ସ ପାଇଁ ଏକ ଖୁସି ଖବର । ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବା ନେଇ ଅନେକ କଥା ଆଲୋଚନା ହେଉଛି । ତେଣୁ ବିସିସିଆଇର ଏହି ଟ୍ୱିଟ୍ ସମସ୍ତଙ୍କ ପାଇଁ ଖୁସି ଖବର ବୋଲି ଆଶା କରାଯାଉଛି ।

## ଖେଳାଳିଙ୍କ ଉପରେ ୫୦ ଲକ୍ଷ ଲେଖାଏଁ ଜରିମାନା ଲଗାଇଲା ପିସିବି

**ନୂଆଦିଲ୍ଲୀ, ୨ ।୩:** ବିଚରା ପାକିସ୍ତାନ । ଟି-ଟ୍ୱେଣ୍ଟି ବିଶ୍ୱକପ ଖେଳିଲା । ସୁପର ୮ରୁ ଶୋଚନୀୟ ଭାବେ ପରାସ୍ତ ହେଲା । ଟୁର୍ଣ୍ଣାମେଣ୍ଟରୁ ବିଦା ହେଲା । ଏବେ ଦଳକୁ ଭାରି ପରିଣାମ ଭୋଗିବାକୁ ପଡିଛି । କ୍ରିକେଟ ବୋର୍ଡ ଦଳର ପ୍ରଦର୍ଶନ ଏବଂ ଭଲ କ୍ରିକେଟ ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ପାକିସ୍ତାନ ଟି-ଟ୍ୱେଣ୍ଟି ବିଶ୍ୱକପ ଦଳରେ ଥିବା ଖେଳାଳିମାନଙ୍କୁ ୫୦ ଲକ୍ଷ ଲେଖାଏଁ ଟଙ୍କା ଜରିମାନା କରାଯାଇଛି । ଟି-ଟ୍ୱେଣ୍ଟି ବିଶ୍ୱକପରେ ପାକିସ୍ତାନର ଖରାପ ପ୍ରଦର୍ଶନ ସେମାନଙ୍କ ଖେଳାଳିଙ୍କ ପାଇଁ ମହଙ୍ଗା




ଖେଳିବାକୁ ନେଇ ପୁରସ୍କୃତ କରିଥାଏ । ହେଲେ ଖରାପ ପ୍ରଦର୍ଶନ ପାଇଁ ଖେଳାଳିଙ୍କୁ ଜରିମାନରେ ଦଣ୍ଡିତ କରିବା ଆପଣ କେବେ ଶୁଣିଛନ୍ତି କି ? ପାକିସ୍ତାନ କ୍ରିକେଟ୍ ଟିମ୍ ସହ ସେପରି କିଛି ହୋଇଛି । ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ରେ ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଦଳର ପ୍ରତି ଖେଳାଳିଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଜରିମାନରେ ଦଣ୍ଡିତ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ ।

ଲାଗାତାର ଦ୍ୱିତୀୟ ଥର ପାଇଁ ଟି-ଟ୍ୱେଣ୍ଟି ବିଶ୍ୱକପ ସେମି ଫାଇନାଲରେ ପ୍ରବେଶ କରିପାରିନାହିଁ । ସୁପର ୮ରୁ ଦଳ ବାଦ୍ ପଡିଛି । ଶେଷ ମ୍ୟାଚରେ ଶ୍ରୀଲଙ୍କାକୁ ହରାଇ ବି ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଥିଲା । ଭାରତ ଏବଂ ଇଂଲଣ୍ଡ ପରି ଶକ୍ତିଶାଳୀ ପ୍ରତିଦ୍ୱନ୍ଦୀଙ୍କଠୁ ପରାସ୍ତ ହୋଇଥିଲା । ଏହି ସାବ୍ୟସ୍ତ ହୋଇଛି । କାରଣ ଭାରତ ବିପକ୍ଷରେ ପରାଜୟ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ପ୍ରତି ଖେଳାଳିଙ୍କ ଉପରେ ୫୦ ଲକ୍ଷ ଲେଖାଏଁ ଜରିମାନା କରିଛି । ଏ ନେଇ tribune.com.pk ରିପୋର୍ଟ କରିଛି । ସୁତ୍ର ଅନୁସାରେ, ଅଧିକାରୀମାନେ ଖେଳାଳିମାନଙ୍କୁ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏବେଠାରୁ ଆର୍ଥିକ ଲାଭ କେବଳ ପ୍ରଦର୍ଶନ ଉପରେ ଆଧାରିତ ହେବ । ବୋର୍ଡ ଅଧିକାରୀ ଦଳର ପ୍ରଦର୍ଶନ ଉପରେ ବହୁତ ଅସନ୍ତୁଷ୍ଟ । ଅଧିକାରୀ ସ୍ପଷ୍ଟ କରିଛନ୍ତି କି, ଭଲ ପ୍ରଦର୍ଶନ ପାଇଁ ଖେଳାଳିଙ୍କୁ ପୁରସ୍କୃତ କରାଯିବ ସହିତ ଖରାପ ପ୍ରଦର୍ଶନ ପାଇଁ ସେମାନଙ୍କୁ ଦଣ୍ଡିତ ମଧ୍ୟ ହେବାକୁ ପଡ଼ିବ । ଭାରତଠୁ ହାରିବା ପରେ ପାକିସ୍ତାନ କ୍ରିକେଟ ଟିମ୍‌କୁ ତୁରନ୍ତ ଏହି ନିଷ୍ପତ୍ତି ବାବଦରେ ଜଣାଇ ଦିଆଯାଇଛି ।

## ଅଭିଷେକଙ୍କ ଉପରେ ବର୍ଷିଲେ ପୂର୍ବତନ ଭାରତୀୟ ଖେଳାଳି

**ନୂଆଦିଲ୍ଲୀ, ୨ ।୩:** ୨୦୨୬ ଟି୨୦ ବିଶ୍ୱକପରେ ଅଭିଷେକ ଶର୍ମାଙ୍କ ବ୍ୟାଟ ଭଲ ପ୍ରଦର୍ଶନ କରିନାହିଁ । ସେ ତାଙ୍କର ପ୍ରଥମ ତିନୋଟି ମ୍ୟାଚରେ ହ୍ୟାଟ୍ରିକ ପାଇଁ ଆଉଟ ହୋଇଥିଲେ । ଟିମ ଇଣ୍ଡିଆ ୧୯୬ ରନର ପିଛା କରୁଥିବା ବେଳେ ୱେଷ୍ଟଇଣ୍ଡିଜ ବିପକ୍ଷ ଜରୁରୀ ମ୍ୟାଚରେ ବି ବିଫଳ ହୋଇଥିଲେ । ଅଭିଷେକଙ୍କ ପାଇଁ ଆଶା ଅଧିକ ଥିଲା, କିନ୍ତୁ ସେ ତାହା କରିପାରିଲେ ନାହିଁ । ଏବେ, ଜଣେ ପୂର୍ବତନ ଭାରତୀୟ ଖେଳାଳି ଅଭିଷେକ ଶର୍ମାଙ୍କ ଉପରେ ବର୍ଷିଛନ୍ତି ଏବଂ ତାଙ୍କ ସଟ ଚୟନକୁ ସମାଲୋଚନା କରିଛନ୍ତି ।

ପୂର୍ବ ଭାରତୀୟ ଷ୍ଟାର ଖେଳାଳି ମନୋଜ ତିୱାରୀ ଅଭିଷେକ ଶର୍ମାଙ୍କ ବିଷୟରେ କହିଛନ୍ତି, “ସେ ଏତେ କମ୍ ସମୟରେ ଜଣେ ଷ୍ଟାର ହୋଇଯାଇଛନ୍ତି । କିନ୍ତୁ ଯଦି ସେ ସୁପରଷ୍ଟାର ହେବାକୁ ଚାହାଁନ୍ତି, ତେବେ ତାଙ୍କୁ ଦଳ ପାଇଁ ମ୍ୟାଚ ଜିତିବାକୁ ପଡିବ । ଭାରତରେ ବହୁତ ପ୍ରତିଯୋଗିତା ଅଛି । ଅନେକ ମ୍ୟାଚ ୱିନର ଖେଳାଳି ଅଛନ୍ତି । ତେଣୁ, ଅଭିଷେକଙ୍କୁ ଆଗକୁ ରହିବାକୁ ପଡିବ । ଏପରି ନୁହେଁ ଯେ ପ୍ରଶିକ୍ଷକ ଏବଂ ଦଳ ପରିଚାଳନା ତାଙ୍କ ଉପରେ ରାଗିଛନ୍ତି ଏବଂ ପରବର୍ତ୍ତୀ ମ୍ୟାଚରେ ତାଙ୍କୁ ବାହାର କରିଦେବେ । ତାଙ୍କର ସେହି ସ୍ୱାଧୀନତା ଅଛି ।”

ତିୱାରୀ ସଟ ଚୟନ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, “ଯେତେବେଳେ ଆପଣ ଆପଣଙ୍କର ଉଇକେଟ୍ ମୂଲ୍ୟ ଦିଅନ୍ତି ନାହିଁ, ସେତେବେଳେ ଆପଣ ଏହିପରି ଲୁଜ ସଟ ଖେଳିବାକୁ ପ୍ରବୃତ୍ତ ହୁଅନ୍ତି । ଅଭିଷେକ ଶର୍ମାଙ୍କ ପାଖରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ରନ ସ୍କୋର କରିବାର ଭଲ ସୁଯୋଗ ଥିଲା, କିନ୍ତୁ ତାଙ୍କର ଏକ ଖରାପ ଦିନ ଥିଲା । ସେ ଫିଲ୍ଡିଂ କରିବା ସମୟରେ ଦୁଇଟି କ୍ୟାଚ ମଧ୍ୟ ଛାଡ଼ିଥିଲେ । ଅଭିଷେକଙ୍କ ପାଖରେ ତିନି କିମ୍ବା ଚାରୋଟି ଡଟ ବଲ ପାଇଁ ମଧ୍ୟ ପୂରଣ କରିବାର କ୍ଷମତା ଅଛି ।”



## ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ : ଜଗନ୍ନାଥ ‘ଉତ୍କଳଶ୍ରୀ’

**ଭୁବନେଶ୍ୱର, ୨ ।୩:** ବଲାଙ୍ଗୀରର ଟିଟିଲାଗଡ଼ ହାଇସ୍କୁଲ୍ ଖେଳ ପଡ଼ିଆରେ ଆୟୋଜିତ ଦ୍ୱିତୀୟ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭୁବନେଶ୍ୱରର ଜଗନ୍ନାଥ ଖୁଣ୍ଟିଆ ଶ୍ରେଷ୍ଠ ବିବେଚିତ ହୋଇ ‘ଉତ୍କଳଶ୍ରୀ-୨୦୨୬’ ଆଖ୍ୟା ଅର୍ଜନ କରିଛନ୍ତି । ସେ ପୁରୁଷ ୮୦ କେଜି ବର୍ଗରେ ବିଜେତା ହୋଇଥିଲେ । ବିଭିନ୍ନ ଓଜନ ବର୍ଗରେ ବାଲେଶ୍ୱରର ଗୁରୁବା ସିଂହ (୫୫ କେଜି), ଭୁବନେଶ୍ୱରର କିରଣ କୁମାର ଜେନା (୬୦ କେଜି), ରଶ୍ମିରଞ୍ଜନ ଲେଙ୍କା (୬୫ କେଜି), ଆକାଶ ପାତ୍ର (୭୦ କେଜି), ରଞ୍ଜନ ନାୟକ (୭୫ କେଜି), ଶୁଭମ ମିଶ୍ର (୮୫ କେଜି), ସ୍ମୃତିରଞ୍ଜନ ସାମଲ (୯୦ କେଜି) ଓ କ୍ଷୀରୋଦ ମହାନ୍ତି (୯୫ କେଜିରୁ ଅଧିକ) ପ୍ରଥମ ସ୍ଥାନ ଅଧିକାର କରିଥିଲେ । ମୋଟ ଉପରେ ଭୁବନେଶ୍ୱର ବଡି ବିଲ୍ଡିଂ ସଂଘ



ବିଜେତା ହୋଇଥିଲା ।

ମହିଳା ବଡି ବିଲ୍ଡିଂରେ ନୟାଗଡ଼ର ପୁଷ୍ପଲତା ପଣ୍ଡା ପ୍ରଥମ, ବରଗଡ଼ର ଅନିତା ମିଶ୍ର ଦ୍ୱିତୀୟ ଓ ଭୁବନେଶ୍ୱରର ଅନୁପମା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଦ୍ ?ଯାପନୀ ଉତ୍ସବରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର, ସହସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ସହିଦ ଜିମ୍ନାସିୟମ୍ ସଭାପତି ରବିନାରାୟଣ ସ୍ୱାଇଁ, ମୁଖ୍ୟଉପଦେଷ୍ଟା କମ୍ବୁପାଣି ପାଢ଼ୀ, ସମ୍ପାଦକ ସନତ ପାଢ଼ୀ, ବଲାଙ୍ଗୀରଜିଲ୍ଲା ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସମ୍ପାଦକ ସଞ୍ଜୟ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ତରୁଣ କୁମାର ଚାଟାର୍ଜୀ, ଭାରତୀ କୃଷ୍ଣ ବ୍ରହ୍ମା, ପଙ୍କଜ ଲୋଚନ ପ୍ରତିହାରୀ, ପ୍ରଶାନ୍ତ କୁମାର ରାଉତ, ଅଶୋକ ନାୟକ ବିଚାରକ ଥିଲେ ।

## ଭାରତ ସେମିଫାଇନାଲ୍ ଯିବାରୁ ପାକିସ୍ତାନରେ ଭାଙ୍ଗିଲା ଟିଭି

**ନୂଆଦିଲ୍ଲୀ, ୨ ।୩:** ରବିବାର କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳା ଯାଇଥିଲା ଟି-୨୦ ବିଶ୍ୱକପ୍ ସୁପର-୮ର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ । ଭାରତ ୫ ଓ୍ୱିକେଟରେ ୱେଷ୍ଟଇଣ୍ଡିଜକୁ ହରାଇ ଚତୁର୍ଥ ଦଳ ଭାବେ ସେମି ଫାଇନାଲରେ ପଞ୍ଚିଚିଛି । ଭାରତ ସେମିରେ ପ୍ରବେଶ କରିବା ମାତ୍ରେ ପାକିସ୍ତାନର କିଛି ପୂର୍ବତନ ଖେଳାଳି ଓ କ୍ରିକେଟ୍ ସମୀକ୍ଷକଙ୍କୁ ଉଚିତ୍ ଜବାବ ମିଳିଛି । ଭାରତ କଣ ସୁପର-୮ର ଗୋଟି ମ୍ୟାଚ୍ ହାରିଗଲା ଏହାକୁ ନେଇ ପାକିସ୍ତାନର କିଛି ପୂର୍ବତନ ଖେଳାଳି ଓ କ୍ରିକେଟ୍ ସମୀକ୍ଷକ ଭାରତୀୟ ଦଳର ପରିହାସ କରିଥିଲେ । ଏହି କ୍ରମରେ ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ମହମ୍ମଦ ଆମିର ଟିଭି ଶୋରେ କୁଟିଳ ଢଙ୍ଗରେ ଭାରତୀୟ ଦଳର ପହରିହାସ କରିଥିଲେ । ସେହି ସମୟରେ ମହମ୍ମଦ ଆମିର କହିଥିଲେ ଯେ, ପାକିସ୍ତାନ ସେମିରେ ପହଞ୍ଚିବ କି ନାହିଁ ଜଣା ନାହିଁ, କିନ୍ତୁ ଭାରତ ସେମି ଯିବ ନାହିଁ ।

**ଖୁବ୍ ଟ୍ରୋଲ ହେଲେ ଆମିର**

ଏବେ ଟିମ ଇଣ୍ଡିଆ ସଞ୍ଜୁ ସାମସନଙ୍କ ମ୍ୟାଚ୍ ବିଜୟୀ ଇନିଂସ ଜରିଆରେ ସେମିରେ ପ୍ରବେଶ କରିଛି । ଆଉ ଭାରତର ବିଜୟ ମହମ୍ମଦ ଆମିରଙ୍କ ପାଇଁ ଶକ୍ତ ଚାପୁଡ଼ା ପରି ହୋଇଛି । ତାଙ୍କର ବଡ଼ କୁହାଳିଆ ଗୁଣ ପାଇଁ ଏବେ ତାଙ୍କୁ ଥଟ୍ଟା ପରିହାସ କରୁଛନ୍ତି ଲୋକେ । କେବଳ ଏତିକି ନୁହେଁ, ଯେମିତି ଭାରତ ୱେଷ୍ଟଇଣ୍ଡିଜକୁ ପରାସ୍ତ କଲା ଏକ ପାକିସ୍ତାନୀ ଶୋର ହୋଷ୍ଟ ନିଜ ଉପରୁ ନିୟନ୍ତ୍ରଣ ହରାଇଥିଲେ । ସେ ରାଗରେ ଜର୍ଜରିତ ହୋଇ ଷ୍ଟୁଡିଓର ଟିଭି ସେଟ୍ ତଳେ କଚାଡ଼ି ଭାଙ୍ଗିଥିଲେ । ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି ।




ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ମହମ୍ମଦ ଆମିର ଦକ୍ଷିଣ ଆଫ୍ରିକାଠୁ ଭାରତର ପରାଜୟ ପରେ ଭାରତୀୟ ଦଳକୁ ଖୁବ୍ ସମାଲୋଚନା କରିଥିଲେ । ବଡ଼ କୁହାଳିଆ ଆମିର ଭବିଷ୍ୟତବାଣୀ କରିଥିଲେ ଯେ, ପାକିସ୍ତାନ ସେମି ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରୁ କି ନ କରୁ, କିନ୍ତୁ ଭାରତ ସେମିରେ ପ୍ରବେଶ କରି ପାରିବ ନାହିଁ । ଆଉ ଗୋଟିଏ ସପ୍ତାହ ଭିତରେ ତାଙ୍କର ସବୁ ଡ୍ରାମା ଓ ଭବିଷ୍ୟତବାଣୀ ଭୁଲ ପ୍ରମାଣିତ ହୋଇଛି । ଏବେ ଏକ୍ସରେ ୟୁଜର୍ସ ତାଙ୍କୁ ଖୁବ୍ ଟ୍ରୋଲ କରୁଛନ୍ତି । କିଏ ତାଙ୍କୁ ଖୋଜୁଥିବା ବେଳେ କିଏ ତାଙ୍କ ନମ୍ବର ମାଗୁଛନ୍ତି । କିଛି ୟୁଜର୍ସ ମିମ୍ ସେୟାର କରୁଛନ୍ତି । ଆଉ କେହି ଲେଖିଛନ୍ତି ଅଣ୍ଡର ଗ୍ରାଉଣ୍ଡ ହେବାର ସମୟ ଆସି ଯାଇଛି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar